# ଫାଇଲରେ ସମ୍ବଲପୁର ଏମ୍‌ଜି ରୋଡ୍ ସମ୍ପ୍ରସାରଣ

**ସମ୍ବଲପୁର, ୭।୩(ସମିସ)**

ସମ୍ବଲପୁରର ବିକାଶ ଚିତ୍ରରେ ସମେଲଇ ପ୍ରକଳ୍ପ ଯୋଡି ହେଲା। ମନ୍ଦିର ବିକାଶ ପରେ ପ୍ରତିଦିନି ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ହେଲେ ଏମ୍‌ଜି ରୋଡ(ରିଂରୋଡ)ର ସମ୍ପ୍ରସାରଣ ହୋଇପାରିଲା ନାହିଁ। ଏହା ସତେ ଫାଇଲ ଭିତରେ ସବୁଦିନ ପାଇଁ ହଜିଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସମ୍ବଲପୁରରେ ସାବରମତୀ, କାଶୀ ଏବଂ ବାରଣାସୀ ଭଳି ରିଭରଫ୍ରଣ୍ଟ ବିକାଶ ହେଉଛି। ପାର୍କ, ପାଦଚଲା ରାସ୍ତା, ଓପନ୍ ଜିମ୍, ଏମ୍ଫିଥିଏଟର୍, ଆରତୀଘାଟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହେଉଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏହି ସବୁ ଯୋଜନା ହେଉଛି। ହେଲେ ଏହି ଯୋଜନା ପାଇଁ ରାସ୍ତାର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଛି। ପୂର୍ବରୁ ପ୍ରସ୍ତାବିତ ମହାତ୍ମା ଗାନ୍ଧୀ(ରିଂ ରୋଡ୍) ରାସ୍ତା ସମ୍ପ୍ରସାରଣ କାମ ଅଧାରେ ଅଟକିଛି। ଏହି ପ୍ରସ୍ତାବ ଏବେ କେଉଠି ପଡ଼ିଛି, ତାହା ମଧ୍ୟ ଜିଲ୍ଲା ପ୍ରଶାସନ କିମ୍ବା ସମ୍ବଲପୁର ମହାନଗର

**ସମଲେଶ୍ୱରୀ ପ୍ରକଳ୍ପ ପରେ ପର୍ଯ୍ୟଟନଙ୍କ ଭିଡ଼ ବଢୁଛି**

ନିଗମ କର୍ତ୍ତୃପକ୍ଷଙ୍କ ପାଖରେ ଉତ୍ତର ନାହିଁ। ଜବରଦଖଲ ଉଚ୍ଛେଦ କରିବାର ଅଡୁଆ ପାଇଁ ଏହା କାର୍ଯ୍ୟକାରୀ ହେଉନଥିବା କୁହାଯାଉଛି। କଟକ ରିଂ ରୋଡ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ସହରରେ ଟ୍ରାଫିକ୍ ସମସ୍ୟାର ମୁକାବିଲା ପାଇଁ ଏହି ରାସ୍ତାକୁ ଅନୁମୋଦନ ମିଳିଥିବା କୁହାଯାଉଥିଲା। ତେଣୁ ସେହି ଦୃଷ୍ଟିରୁ ସମ୍ବଲପୁର ସହରକୁ ଲାଗି ରହିଥିବା ଏମ୍‌ଜି ରୋଡକୁ ମଧ୍ୟ ୪ ଥାକିଆ କରିବାକୁ ପୂର୍ବରୁ ପ୍ରସ୍ତାବ ଥିଲା। ହେଲେ ପୁରୁଣା ରାସ୍ତାକୁ ଡିଭାଇଡରରେ ୨ ପଟକୁ ଭାଗ କରିବାରେ ସୀମିତ ରହିଥିଲା। ସେତେବେଳେ ତତକାଳୀନ ଜିଲ୍ଲାପାଳ ଉଚ୍ଛେଦ ନ କରି ଜାଗା ଅନୁସାରେ ରାସ୍ତା ତିଆରି କରିଦେଲେ। କେଉଠି ଅଧିକ ଓସାର ରହିଲା ତ ଆଉ କିଛି ସ୍ଥାନ ଅଣଓସାରିଆ ରହିଲା। ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେଇ ସମଲେଇ ପ୍ରକଳ୍ପ ତିଆରି ହୋଇଛି। ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି। ତେଣୁ ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ସମଲେଶ୍ୱରୀ ମନ୍ଦିରକୁ ଯୋଡୁଥିବା ଏମ୍‌ଜି ରୋଡ୍ ଏବେ ବି ଅଣଓସାରିଆ ରହିଛି। ଏଠାରେ ଆଗକୁ ବ୍ୟାପକ ଟ୍ରାଫିକ୍ ସମସ୍ୟା ହେବାର ଆଶଙ୍କା ରହିଛି। ତେଣୁ ଏହି ରାସ୍ତାକୁ ଓସାରିଆ କରିବା ସହ ୪ ଥାକିଆ କରିବାକୁ ଦାବି ହୋଇଛି। ଜିଲ୍ଲାରେ ପୂର୍ବରୁ କାମ କରୁଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସମ୍ବଲପୁର ସହର ପାଇଁ ଏମ୍‌ଜି ରୋଡର ସମ୍ପ୍ରସାରଣ ହେବା ନିହାତି ଆବଶ୍ୟକ। କଟକ ଭଳି ଏହା ଚଉଡା ନହେଲେ ଭବିଷ୍ୟତରେ ବହୁ ଅସୁବିଧା ସୃଷ୍ଟି ହେବ। ଜିଲ୍ଲାରେ କାମ କରୁଥିବା ଅଧିକାରୀ ନିଜକୁ ବିବାଦରୁ ଦୂରେଇ ରଖିବାକୁ ଏହି ଦିଗରେ କାମ କରୁନାହାନ୍ତି। ନଚେତ ସମସ୍ତେ ଏହି ସମ୍ପର୍କରେ ଅବଗତ ଅଛନ୍ତି। ଏମିତି କି, ଏହାକୁ ସମ୍ପ୍ରସାରଣ କରିବାକୁ ଏକ ଘରୋଇ ସଂସ୍ଥା ଦ୍ୱାରା ସର୍ଭେ ମଧ୍ୟ ହୋଇଥିଲା। କିନ୍ତୁ ଜାଣିଶୁଣି ଏହାକୁ କେହି କାର୍ଯ୍ୟକ୍ଷମ କରିବାକୁ ଚାହୁଁନାହାନ୍ତି। ଏହାକୁ ନେଇ ବିଚାର ଚାଲିଥିବା ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି।

## ଲଣ୍ଡନ୍ ସ୍କୁଲ୍ ଅଫ୍ ଇକନୋମିକ୍ସରେ ପଢ଼ିବେ ବୈଦିକ ଛାତ୍ରୀ



**ସମ୍ବଲପୁର, ୭।୩(ସମିସ):** ପଶ୍ଚିମ ଓଡ଼ିଶା ପାଇଁ ଗର୍ବର ବିଷୟ। ସମ୍ବଲପୁର ଶାସନସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲର ପୂର୍ବତନ ଛାତ୍ରୀ ରିୟା ଅଗ୍ରୱାଲ୍ ଯୁକ୍ତରାଜ୍ୟର ପ୍ରସିଦ୍ଧ ଲଣ୍ଡନ୍ ସ୍କୁଲ୍ ଅଫ୍ ଇକନୋମିକ୍ସ (ଏଲଏସଇ)ରେ ଭର୍ତ୍ତି ପାଇଁ ଚୟନିତ ହୋଇଛନ୍ତି। ସେ ପଶ୍ଚିମ ଓଡ଼ିଶାରୁ ଏହି ପ୍ରତିଷ୍ଠିତ ଓ ବିଶ୍ୱପ୍ରସିଦ୍ଧ ସଂସ୍ଥାନରେ ଭର୍ତ୍ତି ପାଇଥିବା ପ୍ରଥମ ଛାତ୍ରୀ ହୋଇଛନ୍ତି। ରିୟାଙ୍କ ଏହି ଉଲ୍ଲେଖନୀୟ ସଫଳତା ତାଙ୍କ ପରିବାର, ଶିକ୍ଷକମାନେ ଏବଂ ସମଗ୍ର ବୈଦିକ ସ୍କୁଲ୍ ପରିବାର ପାଇଁ ଗର୍ବର ବିଷୟ ହୋଇଛି। ଶିକ୍ଷାଗତ କୁଶଳତା ଓ ବିଶ୍ୱସ୍ତରୀୟ ଖ୍ୟାତି ପାଇଁ ପରିଚିତ ଲଣ୍ଡନ୍ ସ୍କୁଲ୍ ଅଫ୍ ଇକନୋମିକ୍ସ ସମାଜ ବିଜ୍ଞାନ ଶାସ୍ତ୍ରରେ ବିଶ୍ୱର ଶୀର୍ଷ ସଂସ୍ଥାନମାନଙ୍କ ମଧ୍ୟରୁ ଗୋଟିଏ।ସ୍କୁଲ୍ ପରିଚାଳନା ଓ ଶିକ୍ଷକମାନେ ରିୟାଙ୍କୁ ତାଙ୍କ ଅସାଧାରଣ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ଏବଂ ତାଙ୍କ ଆଗାମୀ ଶିକ୍ଷାଜୀବନ ପାଇଁ ଅନେକ ସଫଳତା କାମନା କରିଛନ୍ତି। ତାଙ୍କର ଏହି ସଫଳତା ଏଞ୍ଚଳର ଅନେକ ଛାତ୍ରଛାତ୍ରୀଙ୍କୁ ଆନ୍ତର୍ଜାତୀୟ ଶିକ୍ଷା ସୁଯୋଗ ପାଇଁ ପ୍ରେରଣା ଦେବ ବୋଲି ଅନୁଷ୍ଠାନର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ କହିଛନ୍ତି।

## ଗୁରୁପାଲିରେ ନୃସିଂହ ଗୁରୁଙ୍କ ଜୟନ୍ତୀ



**ସମ୍ବଲପୁର, ୭।୩(ସମିସ):** 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଜନ୍ମସ୍ଥାନ ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମରେ ଜୟନ୍ତୀ ପାଳିତ ହୋଇଯାଇଛି। ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ ଅଧିକାରୀ ତଥା ଆଡ୍‌ଭୋକେଟ ଶ୍ୟାମ ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଶାସକ ସୀତାଂଶୁ ତ୍ରିପାଠୀ ମୁଖ୍ୟ ଅତିଥି, ପରମାଣପୁରର ଡାକ୍ତର ଝସକେତନ ସାହୁ କଲେଜର ଇତିହାସ ବିଭାଗ ଅଧ୍ୟାପକ ଅଶ୍ୱିନୀ କୁମାର ବାରିକ ମୁଖ୍ୟବକ୍ତା, ସମାଜସେବୀ ତଥା ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ଶାସନ ପିଏମ୍‌ଶ୍ରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତାରାବତି ବେହେରା, ଶାସନ ସରପଞ୍ଚ ଶହଦେବ ଗଡ଼ିଆ ଓ ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଗୁରୁଙ୍କ ତ୍ୟାଗପୂତ ଜୀବନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ବାବଦରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ଶାସନ ହାଇସ୍କୁଲକୁ ତାଙ୍କ ନାମରେ ନାମିତ କରାଯିବା ସାଙ୍ଗକୁ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ତାଙ୍କର ପୈତୃକ ବାସଭବନର ସୁରକ୍ଷା, ଗ୍ରାମରେ ଏକ ପାଠାଗାର ଖୋଲାଯିବା ସମେତ ତାଙ୍କର ସ୍ଥାୟୀ ସ୍ମୃତିରକ୍ଷା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।ଶେଷରେ ଲକ୍ଷ୍ମଣ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମର ଅଶ୍ୱିନୀ ଅଦାବର, ବିଷ୍ଣୁ ପ୍ରସାଦ ବାଗ, ଦିଲ୍ଲୀପ ବାଗ, ଶାନ୍ତନୁ ବିଶ୍ୱାଳ ଓ ପ୍ରସନ୍ନ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଶିଶୁ ଅଧିକାର, ସୁରକ୍ଷା ଉପରେ କର୍ମଶାଳା

# ବାଲ୍ୟ ବିବାହ ରୋକିବା ସମସ୍ତଙ୍କ କର୍ତ୍ତବ୍ୟ

**ସମ୍ବଲପୁର, ୭।୩(ସମିସ):** ସମସ୍ତଙ୍କ ସ୍ୱପ୍ନ ରହିଛି।ସେମାନଙ୍କ ସ୍ୱପ୍ନ ସାକାର କରିବା ସମସ୍ତଙ୍କ ଦାୟିତ୍ୱ। କୌଣସି ସ୍ତରରେ କୌଣସି ଶିଶୁ ଯେପରି ନିର୍ଯାତିତ ନ ହୁଏନ୍ତି ସମସ୍ତେ




ଦାୟିତ୍ୱବହନ କରିବା ଆବଶ୍ୟକ। ବାଲ୍ୟ ବିବାହ ଏକ ସାମାଜିକ ଅଭିଶାପ। ଏହାକୁ ରୋକିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଆୟୋଜିତ କର୍ମଶାଳାରେ ମତ ପ୍ରକାଶ ପାଇଛି। ସମ୍ବଲପୁର ତପସ୍ୱିନୀ ହଲରେ ଉତ୍ତରାଞ୍ଚଳ ରେଞ୍ଜ ପୁଲିସ ପକ୍ଷରୁ ଶିଶୁ ଅଧିକାର, ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିରୋଧ ସମ୍ପର୍କିତ ଆଞ୍ଚଳିକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ଶିଶୁମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ରୋକିବା ଲକ୍ଷ୍ୟରେ କର୍ମଶାଳା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର, ସମ୍ବଲପୁର ଏସପି ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ କମିଶନର ରୋହନ ଖତ୍ରୀ, ପ୍ରୋଭିଜନାଲ ଆଇଏଏସ ଶୁଭ୍ରା ପଣ୍ଡା, ଏଡ ଇଟ ଆକ୍ସନର ପ୍ରୋଗ୍ରାମ ମ୍ୟାନେଜର ସୋରଜ ବାରିକ, ମାନସୀ ପାଢ଼ୀ, ସୁନୀତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାରେ ଶିଶୁମାନଙ୍କୁ ଶୋଷଣ ମୁକ୍ତ ରଖିବା ଏବଂ ସେମାନଙ୍କ ଶିକ୍ଷାଗତ ଅଧିକାରକୁ ସୁରକ୍ଷିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ସମ୍ବଲପୁର ଓ ଆଖପାଖ ଅଞ୍ଚଳରେ ବାଲ୍ୟ ବିବାହକୁ ରୋକିବା ପାଇଁ 'ବାଲ୍ୟ ବିବାହ ନିରୋଧ ଆଇନ, ୨୦୦୬'ର କଡ଼ାକଡ଼ି ଅନୁପାଳନ ଏବଂ ସମାଜରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ଗ୍ରାମାଞ୍ଚଳରେ



ସ୍କୁଲ୍ ଛାଡୁଥିବା ଶିଶୁମାନଙ୍କ ଉପରେ ନଜର ରଖିବା ଏବଂ ବାଲ୍ୟ ବିବାହର ଆଶଙ୍କା ଥିବା ପରିବାରକୁ ଚିହ୍ନଟ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଶିଶୁ ଟିଏ ଜନ୍ମ ନେବା ପରେ ସମସ୍ତେ ଖୁସି ମନାଇଥାନ୍ତି। କିନ୍ତୁ ପରେ ତା ସହ ଘଟୁଥିବା ଶାରିରିକ ଓ ମାନସିକ ନିର୍ଯାତନା ଅନେକ ସମୟରେ ପରିବାର ଲୋକ ଅଣଦେଖା କରିଥାନ୍ତି। ତେଣୁ ତାକୁ ଅଭିଭାବକ ଧ୍ୟାନ ଦେବା ପାଇଁ ଅତିଥି କହିଥିଲେ। ଶିଶୁ ଅଧିକାର ଓ ଶିଶୁ ସୁରକ୍ଷା ପାଇଁ ଆଇନଗତ ଢାଞ୍ଚା କଣ ରହିଛି ତାହା ଆଲୋଚନା ହୋଇଥିଲା।ଶିଶୁମାନଙ୍କ ବିରୋଧରେ ହେଉଥିବା ଅପରାଧକୁ ରୋକିବା ପାଇଁ ଜନସାଧାରଣଙ୍କ ସହଭାଗିତା ଏକାନ୍ତ ଆବଶ୍ୟକ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଛି।

## ବଦଳିଲେ ଥାନା ଅଧିକାରୀ

**ସମ୍ବଲପୁର, ୭।୩(ସମିସ):** ସମ୍ବଲପୁର ଜିଲ୍ଲାରେ ଥିବା କେତେକ ଥାନାର ଅଧିକାରୀଙ୍କୁ ବଦଳି କରାଯାଇଛି। ହୀରାକୁଦ ଥାନା ଆଇଆଇସି ସନୟ କୁମାର ନାଏକଙ୍କୁ ରେଢଖୋଲ ଥାନାକୁ ବଦଳି କରାଯାଇଛି। ତାଙ୍କ ଯାଗାରେ ଶାସନ ଥାନା ଆଇଆଇସି ପ୍ରବୀର କେଶରୀ ତ୍ରିପାଠୀଙ୍କୁ ସ୍ଥାନାନ୍ତରଣ କରାଯାଇଛି। ହେଡକ୍ୱାର୍ଟର୍‌ସରୁ ଚୁମକି ପ୍ରଭା ନାଥଙ୍କୁ ଶାସନ ଥାନା ପଠାଯାଇଛି। ରେଙ୍ଗାଲି ଥାନା ଆଇଆଇସି ଗୁରୁଦେବ କର୍ମୀଙ୍କୁ ଠେଲକୋଲି ଥାନା ଦେଇଥିବା ବେଳେ ଠେଲକୋଲି ଥାନା ଆଇଆଇସି ବୁଲୁ କୁମାର ସ୍ୱାଇଁଙ୍କୁ ରେଙ୍ଗାଲି ଥାନାକୁ ବଦଳି ହୋଇଛି। ବରେଇପାଲି ଥାନା ଆଇଆଇସି ରାଧାକାନ୍ତ ବାରିକଙ୍କୁ କୁଚିଣ୍ଡା ଥାନା, ସାଇବର ଥାନାର ସୁବ୍ରତ ପାଣିଗ୍ରାହୀଙ୍କୁ ବରେଇପାଲି ଥାନା ପଠାଯାଇଛି। ସେହିପରି ଟ୍ରାଫିକ ଥାନାର ଚନ୍ଦ୍ରମୋହନ ସିଂ ଓ ବୁର୍ଲା ଥାନାର ସନ୍ତୋଷ କୁମାର ସେସଙ୍କୁ ସାଇବର ଥାନାକୁ ବଦଳି ହୋଇଛି।



## ଜଙ୍ଗଲ ନିଆଁ ଲିଭାଇଲେ ସ୍ୱେଚ୍ଛାସେବୀ

**ସମ୍ବଲପୁର, ୭।୩ (ସମିସ):** ଧନକଉଡା ବ୍ଲକ, ବିଶାଲଖିଣ୍ଡା ପଞ୍ଚାୟତ ଟିଠେଇପାଲି ସାଲେଡୁଙ୍ଗୁରି ସଂରକ୍ଷିତ ଜଙ୍ଗଲରେ ଦିନ ଦିପହରେ ନିଆଁ ଲାଗିଯାଇଥିଲା। ଏହା ଚତୁର୍ଥ ଥର ନିଆଁ ଲାଗିବା ଘଟଣା। ରାସ୍ତାରେ ଯାଉଥିବା ବେଳେ ନିଆଁ ଲାଗିବାର ଦେଖି ସ୍ୱେଚ୍ଛାସେବୀ ଚର୍ତୁଭୂଜ ଗଡ଼ିଆ ଓ ହାରାଚାନ୍ଦ ବାଗ, ମୁନୁ ବେହେରା, ରାହୁଲ ନିଖଣ୍ଡିଆ ନିଆଁକୁ ଆୟତ କରିଥିଲେ।

## ବ୍ଲକ୍ କଂଗ୍ରେସର କର୍ମୀ ସମାବେଶ

**ଜମନକିରା, ୭ ।୩(ସମିସ):** ଜମନକିରା ବ୍ଲକ କଂଗ୍ରେସର ବୈଠକ ଜମନକିରାଠାରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗୁରୁଚରଣ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।ଜିଲ୍ଲା ନୂତନ କମିଟିର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସମସ୍ତଙ୍କୁ ପୁଷ୍ପମାଳା ଓ ଉପଢୌକନ ଦେଇ ସମ୍ମାନିତ କରଯାଇଥିଲା। ଜିଲ୍ଲା କଂଗ୍ରେସ କମିଟି ସଭାପତି ଅମିତ ଗୁରୁ, ପ୍ରଦେଶ ସମ୍ପାଦକ ତଥା ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପ୍ରତିନିଧିତ୍ୱ କରିଥିବା ଦିଲିପ ଦୁରିଆ, ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ଜିଲ୍ଲା ସଂଯୋଜକ ଜିତେନ୍ଦ୍ରିୟ ପ୍ରଧାନ, ପୂର୍ବତନ କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ଅଖିଳ ପ୍ରତାପ ସିଂ, କୁଚିଣ୍ଡା ବ୍ଲକ କଂଗ୍ରେସ ସଭାପତି ଦିଲିପ ନାଏକ, ବାମରା ବ୍ଲକ ସଭାପତି ହାବିଲ ଏକ୍କା, ଜମନକିରା ବ୍ଲକ ସଭାପତି ମନୋଜ କୁମାର ନାଏକ, ଜିଲ୍ଲା ଉପସଭାପତି କିଶୋର ନାଏକ, ଉପସଭାପତି ମନୋରଞ୍ଜନ ଦାସ, ଅଶୋକ ଦାନି, ଜିଲ୍ଲା ସମ୍ପାଦକ ପ୍ରବୀଣ ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କୁଚିଣ୍ଡା ନିର୍ବାଚନ ମଣ୍ଡଳୀ କେଦାର ନାଥ ବରିହା, ଜିଲ୍ଲା ସମ୍ପାଦକ ସୁନିଲ ବାବୁ, ଡ଼ ଶରତ ଗୌନ୍ତିଆ ପ୍ରମୁଖ ମଞ୍ଚାସିନ ଥିଲେ। ବହୁ ସଂଖ୍ୟାରେ ପୁରୁଣା କର୍ମୀ ଘର ବାହୁଡ଼ା ହୋଇ କଂଗ୍ରେସ ଦଳରେ ମିଶି ଥିଲେ। ପରେ ଜମନକିରା ବ୍ଲକ କଂଗ୍ରେସ କମିଟି ଗଠନ କରାଯାଇଥିଲା। ସଭାପତି ଭାବରେ ମନୋଜ କୁମାର ନାଏକ, ଉପ ସଭାପତି ସଂଗ୍ରାମ ନାଥ ଶର୍ମା, ଜୟ ନାରାୟଣ ସିଂ ସାଧାରଣ ସମ୍ପାଦକ ରାଜେଶ ନାୟକ, ଅମିୟ ନନ୍ଦ, ସମ୍ପାଦକ ଅନ୍ତରାମ ଶବର, ପଦ୍ମନ ବିଶି, ସଞ୍ଜୁ ନେଗୀ, ହେମନ୍ତ ଠାକୁର ଓ ସଞ୍ଜୟ ଲୁଗୁନ, କୋଷାଧ୍ୟକ୍ଷ ନନ୍ଦ ଲାଲ ଜୟପୁରିଆ।

## ବସନ୍ତ ସୋସିଆଲ ଫାଉଣ୍ଡେସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ



**ସମ୍ବଲପୁର, ୭।୩ (ସମିସ):** ବସନ୍ତ ସୋସିଆଲ ଫାଉଣ୍ଡେସନ ପକ୍ଷରୁ ସମ୍ବଲପୁର ତପସ୍ୱିନୀ ହଲରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷା ରାଜଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡାକ୍ତର କିରନମୟି ପଣ୍ଡା (ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ), ମୁଖ୍ୟବକ୍ତା ଭାବେ ଭିସୁଟ ପ୍ରଫେସର ମନିଲା ମଲ୍ଲିକ ଓ ସମ୍ମାନିତ ଅତିଥିଭାବେ ଓଡ଼ିଶା ଯୋଗ ପ୍ରଭାରୀ ଜେ. ଗିରିଜା, ଦୁର୍ଗା ପ୍ରିୟଦର୍ଶିନୀ, ଡ. ନିରୁପମା ବଡ଼ପଣ୍ଡା, ଡାକ୍ତର ନାରାୟଣୀ ପଣ୍ଡା, ଅନୁପମା ବଡ଼ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମହିଳା ମାନେ ଆଉ ଅବଳା, ଦୁର୍ବଳା ନାହାନ୍ତି, ସବୁ କ୍ଷେତ୍ରରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରି ପୁରୁଷଙ୍କ ସହ ତାଳ ଦେଇ ଚାଲୁଛନ୍ତି, ତେବେ ପୁରୁଷ କୈନ୍ଦ୍ରିକ ସମାଜରେ ପୁରୁଷମାନଙ୍କ ସଂକୀର୍ଣ୍ଣ ମାନସିକତା ପରିବର୍ତ୍ତନ ହେଲେ ମହିଳାଙ୍କ ସୁରକ୍ଷା ସମ୍ଭବ ବୋଲି କହିବା ସହ ଅନେକ ବିନ୍ଦୁ ଉପରେ ଅତିଥିଗଣ ଆଲୋକପାତ କରିଥିଲେ। ବସନ୍ତ ସୋସିଆଲ ଫାଉଣ୍ଡେସନର କାର୍ଯ୍ୟକ୍ରମକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ। ଭିସୁଟ ବୁର୍ଲା ଇଞ୍ଜିନିୟରିଂ ଛାତ୍ରୀ ଅଭିପ୍ସା ରଥଙ୍କ ସଂଯୋଜନାରେ ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ୫୦ ଜଣ ଖ୍ୟାତି ସମ୍ପନ୍ନ ମହିଳାଙ୍କୁ ଫାଉଣ୍ଡେସନ ତରଫରୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଏଲଆଇସି, ଏସିଇଏସ. ପ୍ରମୁଖ ସଂସ୍ଥା ପ୍ରାୟୋଜିତ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

## ଲୋକସେବା ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର, ୭।୩ (ସମିସ):** ଲୋକସେବା ପକ୍ଷରୁ ପରିବେଶ ସୁରକ୍ଷା ବିଷୟକୁ ଆଧାର କରି ଚିତ୍ରାଙ୍କନ ପ୍ରତିଯୋଗିତା ଗୁରୁକୁଳ କ୍ଲାସେସ୍ ସହ ଯୁଗ୍ମ ସହଯୋଗରେ ଶନିବାର ଦିନ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମ ଗୁରୁକୁଳ କ୍ଲାସେସ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଅନେକ ଛାତ୍ରଛାତ୍ରୀ ଉତ୍ସାହର ସହ ଭାଗ ନେଇ ସୁରକ୍ଷିତ ଭାରତ ଓ ସୁରକ୍ଷିତ ଶୈଶବ ବିଷୟରେ ତାଙ୍କର ଚିନ୍ତାଧାରାକୁ ଚିତ୍ର ମାଧ୍ୟମରେ ପ୍ରକାଶ କରିଥିଲେ।



କାର୍ଯ୍ୟକ୍ରମରେ ଏବିସିଡ଼ି ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ରାଜେନ୍ଦ୍ର ସତନାମୀ ଓ ସମ୍ବଲପୁରର ସମାଜସେବୀ ସୁନିଲ ସାଗର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ। ଲୋକସେବା ସଦସ୍ୟ ବିଶ୍ୱଜିତ ମହାନ୍ତି, ଏସ୍.କେ. ଫୈଜାନ ଓ ମାସୁଦ ଆଲମ୍ ସହଯୋଗ କରିଥିଲେ।

## ରଜତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ସମ୍ବଲପୁର, ୭।୩(ସମିସ):** ସମ୍ବଲପୁର ମହାନଗର ନିଗମ ଧନକଉଡ଼ା ଖେଳ ପଡ଼ିଆରେ ଡିଏକ୍ସ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ରଜତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରତ୍ନାକର ବେହେରା ଯୁବକ ସଂଘର ସମ୍ପାଦକ ତଥା ସମାଜସେବୀ ହୀରାଲାଲ ବେହେରା ମୁଖ୍ୟ ଅତିଥି ଓ ସାମ୍ବାଦିକ ସରୋଜ ସାହୁ, ଆଖଣ୍ଡଳ ପଣ୍ଡା, ପର୍ଶୁରାମ ପଣ୍ଡା, ସୁକାନ୍ତ ସାହୁ ଅଙ୍ଗଦ ସ୍ୱାଇଁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ କ୍ରିକେଟ କ୍ଲବର ସଭାପତି ଚିନ୍ମୟ ଦାସ, ନୀଳମଣି ସାହୁ, କୁନା ସୁସାରୀ, ଆକାଶ କୁମାର ସାହୁ, ସାଗର ଦାସ, ଗୌତମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଗେମ୍ ଚେଞ୍ଜର ଓ ବ୍ଲେକ ଟାଇଗର କ୍ରିକେଟ ଟିମ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସପନ ଖତ୍ରୀ ଓ ରମେଶ ଚନ୍ଦ୍ର ନାୟକ ଅମ୍ପାୟାର ଦାୟିତ୍ୱ ତୁଲାଇ ଥିବା ବେଳେ ସ୍କୋରର ଆରଆର ସ୍ପୋର୍ଟ୍ସ ଦାୟିତ୍ୱ ତୁଲାଇଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଛନ୍ତି।



ହିତାଧିକାରୀଙ୍କ ଭତ୍ତା ଟଙ୍କା ହଡପ

# ପିଇଓଙ୍କ ବଦଳରେ ପିଅନ ବାଣ୍ଟୁଛନ୍ତି ଭତ୍ତା

**କୁଚିଣ୍ଡା, ୭ ।୩(ସମିସ)**

ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ସଦରମହକୁମା ଗୋବିନ୍ଦପୁର ପଞ୍ଚାୟତରେ କାର୍ଯ୍ୟରତ ପିଅନ ଜଣେ ଭିନ୍ନକ୍ଷମ ଯୁବତୀଙ୍କ ଭତ୍ତା ଟଙ୍କା ହଡ଼ପ କରି ନେଇ ଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନା ଅନୁସାରେ ଗୋବିନ୍ଦପୁର ଦଲଦଲିଆପଡ଼ାର ସ୍ୱର୍ଗତ ଭୋଲାନାଥ ନାଏକଙ୍କ ମାନସିକ ବିକାରଗ୍ରସ୍ତ ଦିବ୍ୟାଙ୍ଗ ଝିଅ ସୁକାନ୍ତି ନାଏକ ଗତ ଜାନୁଆରୀ ମାସର ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ସମ୍ପୃକ୍ତ ଯୁବତୀ ଜଣକ ନିଜ ପରିବାର ଲୋକଙ୍କ ସହ ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ଟଙ୍କା ଆଣିବାକୁ ଯାଇଥିବା ବେଳେ ଭତ୍ତା ବଣ୍ଟନ ସରି ଯାଇଥିବାରୁ ଆଉ ଭତ୍ତା ଦିଆ ଯିବ ନାହିଁ ବୋଲି ପଞ୍ଚାୟତ ପିଅନ ତାଙ୍କୁ କହିଥିଲେ। ଫଳରେ ସେ ନିରାଶ ହୋଇ ଫେରି ଯାଇ ସରପଞ୍ଚ ବିମଳ ଲାକ୍ରାଙ୍କୁ ଅଭିଯୋଗ କରିଥିଲେ। ମାତ୍ର ୨୦ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କୁ ଆଜି ପର୍ଯ୍ୟନ୍ତ ଭତ୍ତା ପ୍ରଦାନ କରାଯାଇ ନାହିଁ। ପୂର୍ବରୁ ମଧ୍ୟ ସୁକାନ୍ତିଙ୍କ ଗତ ୨୦୨୨ମେ ମାସରୁ ପ୍ରାୟ ଅଢେଇ ବର୍ଷ (୩୦) ମାସର ଭତ୍ତା ଟଙ୍କା ସମ୍ପୃକ୍ତ ପଞ୍ଚାୟତ ପିଅନ ହଡ଼ପ କରି ନେଇ ଥିବା ବେଳେ ଏହାକୁ ନେଇ ସେ ସମ୍ବଲପୁର



ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପ୍ରଶାସନ ଚାପ୍‌ରେ ପିଅନ ଜଣକ କିସ୍ତି ଆକାରରେ ସୁକାନ୍ତିଙ୍କ ଅଧା ଭତ୍ତା ଟଙ୍କା ତାଙ୍କୁ ଫେରସ୍ତ କରିଥିବା ବେଳେ ଆଉ ଅଧା ଦେଇ ନଥିଲେ। ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗୋବିନ୍ଦପୁର ପଞ୍ଚାୟତରେ ଭତ୍ତା ଟଙ୍କା ହେରଫେର ଜାରି ରହିଥିବା ସୁକାନ୍ତିଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଗତ ଜାନୁଆରୀ ମାସରେ ମଧ୍ୟ ସମାନ ଅବସ୍ଥା ଦେଖାଯାଇଛି। ଗରିବ ଶ୍ରେଣୀର ସୁକାନ୍ତି ଭତ୍ତା ଟଙ୍କା ଉପରେ ଆଶ୍ରିତ ଥିବା ବେଳେ ତାଙ୍କ ଭତ୍ତା ହଡ଼ପ କରାଯାଇଥିବାରୁ ସେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ନିୟମ ଅନୁସାରେ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭତ୍ତା ବଣ୍ଟନ କରିବା କଥା, ମାତ୍ର ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ପିଅନ ଭତ୍ତା ବଣ୍ଟନ ଦାୟିତ୍ୱରେ ରହିଛନ୍ତି। ଯାହାଦ୍ୱାରା ପୂର୍ବରୁ ମଧ୍ୟ ଅନେକ ଥର ଭତ୍ତା ଟଙ୍କା ହେରଫେର ଭଳି ଅଭିଯୋଗ ରହିଥିଲା।ଗରିବ ଶ୍ରେଣୀର ଲୋକଙ୍କ ଭତ୍ତା ଟଙ୍କା ହଡ଼ପ ଘଟଣାର ତଦନ୍ତ ସହ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି। ଏହାକୁ ନେଇ ସରପଞ୍ଚ ବିମଳ ଲାକ୍ରାଙ୍କୁ ପଚାରିବାରୁ ବୁଝିବାକୁ ଘଟଣାର ଯାଞ୍ଚ କରି ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ପ୍ରକୃତିବନ୍ଧୁଙ୍କ ପରିବେଶ ବାର୍ତ୍ତା

**ପଦ୍ମପୁର, ୭।୩(ସମିସ):** ବିଭିନ୍ନ ପର୍ବ ପର୍ବାଣୀ ଅବସରରେ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରି ପଦ୍ମପୁର ଅଞ୍ଚଳରେ ପରିବେଶକୁ ସବୁଜ ସୁନ୍ଦର କରିବାର ମହତ ଉଦ୍ଦେଶ୍ୟ ରଖିଥିବା ପ୍ରକୃତିବନ୍ଧୁ ମୀନକେତନ ସାହୁ ସାହୁ ନିଆରା ଢଙ୍ଗରେ ହୋଲି ପର୍ବ ପାଳନ କରିଛନ୍ତି। ହୋଲି ଅବସରରେ ହୋଲିର ଶୁଭକାମନା ଜଣାଇବା ସହ ସହରର ବିଶିଷ୍ଟ ବ୍ୟକ୍ତିଙ୍କ ଘରକୁ ଯାଇ ସେମାନଙ୍କୁ ଔଷଧୀୟ ଅଶୋକ ଚାରା ପ୍ରଦାନ କରି ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେ ପୂର୍ବତନ ନଗରପାଳ ଶିରିଶ କୁମାର ବହିଦାର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନାଗରିକ ସଂଘର ସଭାପତି ଜୟ ନାରାୟଣ ତ୍ରିପାଠୀ, ଶାନ୍ତି ସ୍ୱରୁପ ପୁରୋହିତ, ଆଇନଜୀବୀ ଅଜିତ ଶତପଥୀଙ୍କ ବାସଭବନକୁ ଯାଇ ଅଶୋକ ଚାରା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ କେଦାରନାଥ ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିଶ୍ୱଶାନ୍ତି ଅଷ୍ଟପ୍ରହର ନାମଯଜ୍ଞ



**ରେଢ଼ାଖୋଲ, ୭ ।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥ କଦମ୍ବ ପଡ଼ିଆରେ ବିଶ୍ୱଶାନ୍ତି ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।ପ୍ରଥମତଃ ଅଧିବାସ ଓ କଳସ ଶୋଭାଯାତ୍ରା ସହର ପରିକ୍ରମା କରାଯାଇଥିଲା। ଶନିବାର ଦିନ ବିଶ୍ୱଶାନ୍ତି ଅଷ୍ଟପ୍ରହରି ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ।କର୍ତ୍ତା ଭାବରେ ବିକାଶ ଦାସଙ୍କ ସହିତ ପତ୍ନୀ ସରିତା ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟପୂଜକ ଭାବରେ ପଣ୍ଡିତ ଚନ୍ଦ୍ର ଶେଖର ସାସନୀ, ସୁବାଷ ପଣ୍ଡା, ବୃନ୍ଦାବନ ପାଣିଗ୍ରାହୀ ଓ ଅମିତାଭ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ।ନାମଯଜ୍ଞ କମିଟି ସଭାପତି ସୁନିଲ କୁମାର ପ୍ରଧାନ, ସମ୍ପାଦକ ତୁଷାର କାନ୍ତ ପ୍ରଧାନ, କୋଷାଧ୍ୟକ୍ଷ ରୋହିତ ନାୟକ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ଆସନ୍ତାକାଲି(ରବିବାର) ସକାଳୁ ପୂର୍ଣ୍ଣାହୁତି ନାମ ଯଜ୍ଞ ସହିତ ଜନ ସାଧାରଣଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି।

## ଲାଖବାହାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର

# ପୁରୁଣା ହସ୍ତାନ୍ତର ହୋଇନି; ପୁଣି ନୂଆ ନିର୍ମାଣ

**ଲାଞ୍ଜିଗଡ଼, ୭ ।୩(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପୁରୁଣା କୋଠା ଏଯାଏଁ ହସ୍ତାନ୍ତର ହୋଇନି। ହେଲେ ପୁଣି ଏକ ନୂଆ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିବା ବେଳେ ନିମ୍ନ ମାନର କାମକୁ ନେଇ ପଞ୍ଚାୟତବାସୀ ବିରୋଧ କରିଥିଲେ। ଫଳରେ ଦୁଇ ବର୍ଷ ହେଲା କାମ ବନ୍ଦ କରିଛି ଠିକାଦାର। ଜରୁରୀକାଳୀନ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ଲୋକେ ବଞ୍ଚିତ ହେଉଥିବା ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ରହିଛି ଲାଖବାହାଲି ପଞ୍ଚାୟତ। ଏହି ପଞ୍ଚାୟତରେ ୧୭ଟି ଗ୍ରାମ ରହିଥିବା ବେଳେ ବାରଗୁଡା, ପଣସ ପଦର, ପଟାଙ୍ଗପଦର, ସରଗୁଡା, ତିର୍କୀଝୁଲା, ବଣ୍ଡେଲ, ଡକରିଗୁଡା ଓ ମୁଣ୍ଡାଙ୍ଗ ପଦର ଗାଁମାନଙ୍କୁ ରାସ୍ତା ନାହିଁ। ଏହି ଗାଁ ଲୋକେ ଗୁରୁତର ରୋଗୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଖଟିଆରେ ବୋହି ମୁଖ୍ୟରାସ୍ତାକୁ ଆଣିଥିବା ଦୃଶ୍ୟମାନ ବାରମ୍ବାର ଦେଖିବାକୁ ମିଳିଥିଲା। ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଥିବା ବେଳେ ଏକ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରି ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପଞ୍ଚାୟତବାସୀ ଏହାକୁ ନେଇ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସ୍ତରରେ ବାରମ୍ବାର ଅଭିଯୋଗ ପରେ ୨୦୧୫ ମସିହାରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ପାଇଁ ସରକାର ଅନୁମତି ଦେଇଥିଲେ। ଏଥିପାଇଁ କୋଠା ନିର୍ମାଣ ହୋଇଥିଲା। ଭବାନୀପାଟଣାର ଜଣେ ଠିକାଦାର ନିର୍ମାଣ





## ୨ ବର୍ଷ ହେଲା କାମ ବନ୍ଦ

କାର୍ଯ୍ୟ ୨୦୧୬ ମସିହାରେ ସମ୍ପୂର୍ଣ୍ଣ କରିଥିଲେ। କିନ୍ତୁ କୌଣସି କାରଣରୁ ସମ୍ପୂର୍ଣ୍ଣ ହେବାର ୮ ବର୍ଷ ବିତି ଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ। ଏବେ ସେହି କୋଠା ମୁଖ୍ୟ ରାସ୍ତା କଡରେ ଅସାମାଜିକଙ୍କ ଆଡାସ୍ଥଳୀ ହୋଇ ରହିଛି। ପୁଣି ଗତ ୨୦୨୩ ମସିହାରେ ପୂର୍ବ ସ୍ୱାସ୍ଥ୍ୟ ଉପକେନ୍ଦ୍ର କୋଠାର ୩୦୦ ଶହ ମିଟର ବ୍ୟବଧାନରେ ଆଉ ଏକ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିଲା। ଏହି କାମ ଅତି ନିମ୍ନମାନର ହେଉଥିବା ଯୋଗୁଁ ଲୋକେ ଠିକାଦାର ଓ ଯନ୍ତ୍ରୀକୁ ଅଭିଯୋଗ କରିଥିଲେ। କାମର ଫଳକ ଲାଗିନଥିବା ଯୋଗୁଁ ବ୍ୟୟ ଅଟକଳ ମୂଲ୍ୟ ଓ କାମ ଶେଷ ତାରିଖ ଜାଣିନଥିବା ଯୋଗୁଁ ନିୟମ ଉଲ୍ଲଂଘନ କରି ଏହି କାମ ଚାଲୁଥିବାରୁ ଲାଖବାହିଲି ପଞ୍ଚାୟତବାସୀ ବିରୋଧ କରିଥିଲେ। ଫଳରେ ପ୍ରାୟ ୨ବର୍ଷ ହେବ କାମ ବନ୍ଦ ରହିଛି। ଅନ୍ୟପକ୍ଷେ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଜସ୍ୱ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନଥିବା ଯୋଗୁଁ ଲୋକଙ୍କ ଘର ବାରଣ୍ଡା, ଗଛମୂଳେ ନିୟମିତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସମ୍ଭବ ହେଉନାହିଁ। ଯାହା ଫଳରେ ସପ୍ତାହରେ ଥରେ ପଞ୍ଚାୟତ ଆସି ଚାଲିଯାଉଥିବା ଲୋକେ ପ୍ରକାଶ କରିଛନ୍ତି। ଏନେଇ ସରପଞ୍ଚ ପଦ୍ମିନୀ ମାଝୀଙ୍କୁ ପଚାରିବାରୁ ବର୍ତ୍ତମାନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ୨ବର୍ଷ ହେଲା କାମ ବନ୍ଦ ପଡ଼ିଛି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେବି ଶୁଣୁନାହାନ୍ତି। ଯାହା ଫଳରେ ସ୍ୱାସ୍ଥ୍ୟ ସେବାରେ ଅସୁବିଧା ଦେଖା ଦେଇଛି। ଯଦି କରିବାର ନଥିଲା କାହିଁକି କରୁଥିଲେ ବୋଲି ପ୍ରକାଶ କରିଛନ୍ତି। ଏନେଇ ନୂତନ ଭାବେ ଯୋଗ ଦେଇଥିବା କନିଷ୍ଠ ଯନ୍ତ୍ରୀ ଲାଲିନ୍ଦ୍ର କିଶାନ ମାଝୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା।



# ୪୧ ୟୁନିଟ୍ ସଂଗ୍ରହ

**ବରଗଡ଼, ୭।୩(ସମିସ):** ବରଗଡ଼ ବ୍ଲକ ଅଧୀନ ଗାଇସିମା ଗ୍ରାମର କମଳ ସାହୁ ଓ ସୁଷମା ସାହୁଙ୍କ ପୁତ୍ର ରୋହିତ ସାହୁ ଓ ପୂଜା ସାହୁଙ୍କ ବିବାହ ଉତ୍ସବ ଅବସରେ ନିଷ୍ଠା ପରିବାର ଓ ସାହୁ ପରିବାରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ରୋହିତ ସାହୁ ଓ ପୂଜା ସାହୁ ଶୁଭାରମ୍ଭ କରିବା ସହ ଉଭୟେ ରକ୍ତ ଦାନ କରି ରକ୍ତ ଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରୋହିତ ସାହୁଙ୍କ ବାପା କମଳ ସାହୁ ମଧ୍ୟ ରକ୍ତ ଦାନ କରିଥିଲେ। ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରକୁ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ଓ ସାହୁ ପରିବାର ପରିଚାଳନା କରିଥିଲେ।

# ଶିକ୍ଷାବିତ୍ ଠାକୁର ଚରଣ ନାୟକଙ୍କ ପରଲୋକ

**କୋମନା, ୭ ।୩(ସମିସ):** ଜଣେ ସୁଦକ୍ଷ ଶିକ୍ଷକ ତଥା ଅଞ୍ଚଳର ଜଣାଶୁଣା ସମାଜସେବୀ ଠାକୁର ଚରଣ ନାୟକଙ୍କ ଶନିବାର ପରଲୋକ ଘଟିଛି। ସୂଚନାଯୋଗ୍ୟ ଯେ, ଗତ ନୂଆଖାଇ ଭେଟ୍‌ଘାଟ ସମୟରୁ ସେ ନାୟକ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ସରଳ ଜୀବନଶୈଳୀ, ଶିକ୍ଷା ପ୍ରତି ସମର୍ପଣ ଏବଂ ସମାଜ ମଙ୍ଗଳ ପାଇଁ ତାଙ୍କର ନିରନ୍ତର ପ୍ରୟାସ ତାଙ୍କୁ ସମସ୍ତଙ୍କ ପ୍ରିୟଭାଜନ କରିପାରିଥିଲା। ଜଣେ ଶିକ୍ଷାବିତ୍ ଭାବେ ସେ ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।

# ରକ୍ତଦାନ ଶିବିର; ୩୧ୟୁନିଟ୍ ସଂଗ୍ରହ



**ବରଗଡ଼, ୭।୩(ସମିସ):** ବରଗଡ଼ ବ୍ଲକ ଅଧୀନ ଖଣ୍ଡହଥା ଗ୍ରାମରେ କେଶବ ଷଡ଼ଙ୍ଗୀ ଓ କୁଶୁମ ଷଡ଼ଙ୍ଗୀଙ୍କ ପୁତ୍ର କ୍ରିସ୍‌ର ତୋପନୟନ ଅବସରରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର କୁ କ୍ରିସ୍‌ର ବାପା କେଶବ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିବା ସହ ନିଜେ ରକ୍ତଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବରଗଡ଼ର ଜଣାଶୁଣା ଡାକ୍ତର ଅଶ୍ୱନୀ ଭୋଇ ଯୋଗଦେଇ ଥିଲେ। ଏହି ଶିବିରରୁ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ୩୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ଷଡ଼ଙ୍ଗୀ ପରିବାରକୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦୂର୍ବାଦଳ ସେଠଙ୍କୁ 'ସେବା ସମ୍ମାନ' ପ୍ରଦାନ

**ବରଗଡ଼, ୭।୩(ସମିସ):** ବରଗଡ଼ ପୌର ପରିଷଦ ଅଧୀନ ଅମ୍ବାପାଲି ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ଦୁର୍ବାଦଲ ସେଠ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେ କିଛିବର୍ଷ ହେଲା ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ପିଅନ ଭାବେ ଡେପୁଟେସନରେ ରହି କାର୍ଯ୍ୟ କରି ଆସୁଥିଲେ। ଏହି ଅବସରରେ ସ୍ଥାନୀୟ ଆମ୍ବାପାଲି ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଶ୍ରୀ ସେଠଙ୍କ ନିରନ୍ତର ସେବା ପାଇଁ ଅବସର କାଳୀନ 'ସେବା ସମ୍ମାନ' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତି କାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଡିଇଓ ଅଫିସର ମୁଖ୍ୟ କିରାଣି ଜନ୍ମେଜୟ ପାତ୍ର, ପଞ୍ଚସଖା ଶିକ୍ଷା ସେତୁ କମିଟିର ଅଧ୍ୟକ୍ଷ ସୁରେଶ ମହାପାତ୍ର ଓ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଆଇନ୍‌ଜୀବୀ ଈଶ୍ୱର ବାଗ ପ୍ରମୁଖ ଯୋଗ ଦେଇଠିଲେ।



# ନାବାଳିକାକୁ ପ୍ରେମ ପ୍ରତାରଣା; ଯୁବକ ଗିରଫ

**ରେଢ଼ାଖୋଲ, ୭ ।୩(ସମିସ):** ନାବାଳିକା ସହିତ ପ୍ରେମ ସମ୍ପର୍କ ଗଢ଼ି ବାରମ୍ବାର ଶାରୀରିକ ସମ୍ପର୍କ ରଖି ପ୍ରେମ ପ୍ରତାରଣା କରିବା ଅଭିଯୋଗରେ ରେଢ଼ାଖୋଲ ପୁଲିସ ଜଣେ ଯୁବକକୁ ଗିରଫ କରିଛି ।ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନାରେ ନାବାଳିକା ପୀଡ଼ିତାଙ୍କ



ପରିବାରଲୋକ ଲିଖିତ ଅଭିଯୋଗ କରିଛନ୍ତି। ଯୁବକ ଜଣଙ୍କ ଦେବଗଡ଼ ଜିଲ୍ଲା ରିଆମାଳ ଥାନା ତିମୁରଗ୍ରାମର ଅମିତ୍ ପ୍ରଧାନ(୨୩)। ସୂଚନା ଯୋଗ୍ୟ ଯେ ଅଭିଯୁକ୍ତ ଯୁବକ ଜଣଙ୍କ ନାବାଳିକା ଜଣଙ୍କୁ ପ୍ରଲୋଭନ ଦେଖାଇ ପ୍ରେମ ସମ୍ପର୍କ କରିଥିଲେ। ନାବାଳିକା ସହିତ ବାରମ୍ବାର ଜୋର୍ ଜବରଦସ୍ତ ସମ୍ପର୍କ ରଖି ପ୍ରତାରଣା କରିଥିଲା। ଅଭିଯୁକ୍ତ ଜଣଙ୍କ ମୋବାଇଲରେ ପୀଡ଼ିତାଙ୍କ ଅଶ୍ଳୀଳ ନଗ୍ନ ଫୋଟ ଉତ୍ତୋଳନ କରି ରଖିଥିବା ଅଭିଯୋଗ କରାଯାଇଛି ।ଜାଣିବା ପରେ ନାବାଳିକା ପରିବାର ଲୋକ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ରେଢ଼ାଖୋଲ ଏବଂ ନାକଟିଦେଉଳ ପୁଲିସ ମିଳିତ ଭାବେ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରି ନଜର ରଖିଥିଲେ। ତେବେ ଅଭିଯୁକ୍ତ ଜଣଙ୍କ ଫେରାର ହୋଇ ରାଜ୍ୟବାହାରେ ରହୁଥିଲା। ଅଭିଯୁକ୍ତ ଅମିତ୍ ନିଜ ଗ୍ରାମକୁ ଆସିଥିବା ବେଳେ ପୁଲିସ ଚଢ଼ାଉ କରି ରିଆମାଳ ଅଞ୍ଚଳରୁ ଗିରଫ କରି ଡାକ୍ତରୀ ମାଇନା କରି ସମ୍ବଲପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି।

# ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଯୋଗାଭ୍ୟାସ




**ବରଗଡ଼, ୭।୩ (ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା ଓ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମଠାରେ ସାମୂହିକ ଯୋଗାଭ୍ୟାସ ଶିବିର ଅନୁଷ୍ଠିତ ହୋଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ତଥା ବରଗଡ଼ ଜିଲ୍ଲାପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୩୦୦ ଜଣ ମହିଳା ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସନ୍ଧ୍ୟାରାଣୀ ନେପାକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

# ପୁଢ଼େରଖା ମହିମା ମଠରେ ବିଶ୍ୱଶାନ୍ତି ହୋମଯଜ୍ଞ



**ପଦ୍ମପୁର, ୭।୩(ସମିସ):** ସ୍ଥାନୀୟ ପୁଢ଼େରଖାର ଗାଁର ଅଲେଖ ମହିମା ବାବାମଠ ପରିସରରେ ଫାଲ୍‌ଗୁନ ପୂର୍ଣ୍ଣିମା ଅବସରରେ ବିଶ୍ୱଶାନ୍ତି ଓ ଜଗତର କଲ୍ୟାଣ ନିମନ୍ତେ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବନବାସୀ ଦାଶ, ତ୍ୟାଗୀ ଦୁର୍ଯ୍ୟୋଧନ, ମଣି ଦାଶ, ଜଗନ୍ନାଥ ଦାଶଙ୍କ ସମେତ ଅରୂପା ତ୍ୟାଗୀ, ଅରୂପା ଭକ୍ତ, ଅନିରୁଦ୍ଧ ଭକ୍ତ, ହରି ଭକ୍ତ, ସୁବଳ ଭକ୍ତ, ମହେନ୍ଦ୍ର ଭକ୍ତ ଓ ଶତପଥୀ ଭକ୍ତଙ୍କ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ପରିଚାଳିତ ହୋଇଥିଲା। ପୁଢ଼େରଖାବାସୀଙ୍କ ଆକୁଣ୍ଠ ସହଯୋଗ ଦେଖିବାକୁ ମିଳିଥିଲା। ଧୂପ, ଦୀପ ଓ ବେଦମନ୍ତ୍ରର ଧ୍ୱନିସହ ବିଭିନ୍ନ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ ଓ କୀର୍ତ୍ତନ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସମସ୍ତ ଶ୍ରଦ୍ଧାଳୁ ଓ ଅତିଥିଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା।

## ବିଲୁପ୍ତ ହେବାକୁ ଲାଗିଲାଣି ଶଗଡ଼ି ଗାଡ଼ି

# ଆଉ ଶୁଭୁନି କେଁ କଟର ଶବ୍ଦ

**ପାଇକମାଳ, ୭।୩(ସମିସ)**

ଆଧୁନିକତାର ଛାପରେ ଆଉ ଶୁଭୁନି ଶଗଡ଼ର କେଁ କଟର ଶବ୍ଦ। ଧୀରେ ଧୀରେ ବିଲୁପ୍ତ ହେବାକୁ ଲାଗିଲାଣି ଶଗଡ଼ି ଗାଡି, ତାସହ ଶୁଣିବାକୁ ମିଳୁନି ବଳଦର ହମ୍ବା ରଡ଼ି। ଦିନେ ସମୟ ଥିଲା ଗାଁ ଗଣ୍ଡାରେ ବାସ କରୁଥିବା ମହାଜନ ତଥା ସାହୁକାର ଶ୍ରେଣୀର ଶଗଡ଼ ଗାଡ଼ି ଥିଲା ମୁଖ୍ୟ ପରିଚୟ। ଏହା ପରିବହନର ମୁଖ୍ୟ ମାଧ୍ୟମ ସାଜିଥିଲା। ଗାଁରୁ ସହର ଲୋକେ ଯାତାୟାତ ପାଇଁ ଏହାର ବହୁଳ ବ୍ୟବହାର କରୁଥିଲେ। ବର୍ତ୍ତମାନ ଯୁଗରେ ଆଧୁନିକ କଳ କୌଶଳ ବ୍ୟବହାରର ଦ୍ୱାରା ଶଗଡ଼ ଗାଡ଼ି ଦିନକୁ ଦିନ ଅଲୋଡ଼ା ହୋଇଯାଉଛି। ପୂର୍ବେ ଚାଷୀମାନେ ବଡ଼ିଭୋରୁ ଉଠି ହଳ ବଳଦ ନେଇ ଚାଷ କରୁଥିଲେ ଏବଂ ଶଗଡ଼ରେ ଖତ ନେଇ ଜମିରେ ପକାଉଥିଲେ। ଧାନ ଅମଳ ପରେ ଶଗଡ଼ ଗାଡ଼ିରେ ଧାନ ବୋହି ଆଣୁଥିଲେ। ଯାନିଯାତ୍ରା, ପର୍ବପର୍ବାଣୀ,



ବରଯାତ୍ରୀ ତଥା କନିଆଁ ନେଇ ଶଗଡ଼ରେ ଯାଉଥିଲେ। ଶଗଡ଼ ଗାଡ଼ିରେ ଯିବାଆସିବା ଗୋଟିଏ ଅଲଗା ଖୁସି ଥିଲା। ଏଥିପାଇଁ ତେଲ ଲୋଡ଼ା କି ଅତ୍ୟଧିକ ଖର୍ଚ୍ଚ ନଥିଲା। ଏବେ ଅତ୍ୟଧିକ ଯନ୍ତ୍ରପାତି ଯୋଗୁଁ କାର୍ଯ୍ୟ ଶୀଘ୍ର ହେଉଛି ସତ, ହେଲେ ପରିବେଶ ପ୍ରଦୂଷଣ ହେଉଛି। ଏବେ ବି ବଣପାହାଡ଼ ପାଦଦେଶରେ ଥିବା ଗାଁଗୁଡ଼ିକରେ ଗରିବ, ଆର୍ଥିକ ଅନଗ୍ରସର ତଥା ସ୍ୱାବଲମ୍ବୀ ଚାଷୀମାନେ ଶଗଡ଼ ଗାଡ଼ି ବ୍ୟବହାର କରୁଥିବା କ୍ୱଚିତ୍ ଦେଖିବାକୁ ମିଳୁଛି। ସୋମବାର ଏନେଇ ପାଇକମାଳ ବ୍ଲକ ବରତୁଣ୍ଡା ପଞ୍ଚାୟତର ବ୍ରାହ୍ମଣଟାଲର ଚାଷୀ ହୃଦାନନ୍ଦ ନାୟକ ବରତୁଣ୍ଡା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେରେ ନିଜ ଶଗଡ଼ ଗାଡ଼ି ନେଇ ବିଲକୁ ଯାଉଥିବାର ନଜର ଆସିଛି। ସେ ୨୦ ବର୍ଷ ହେଲାଣି ଶଗଡ଼ ଗାଡ଼ି ବ୍ୟବହାର କରି ଆସୁଛନ୍ତି ବୋଲି କହିଛନ୍ତି। ବଣପାହାଡ଼ ପାଦଦେଶରେ ଥିବା ଏହି ଗାଁ ଆଧୁନିକ କଳକୌଶଳ ଦ୍ୱାରା ଚାଷ ପାଇଁ ବିଭିନ୍ନ ଯନ୍ତ୍ରପାତି ବ୍ୟବହାର ହେଉଥିଲେ ସୁଦ୍ଧା ଏବେ ବି ଲୋକେ ପୁରୁଣା କଳକୁ ପସନ୍ଦ କରୁଥିବା ସେ କହିଛନ୍ତି ଓ ଶଗଡ଼ ଗାଡ଼ି ତିଆରିରେ ବ୍ୟବହାର ହେଉଥିବା କାଠ ଠିକ୍ ଭାବରେ ମିଳୁନି। ଏପଟେ ବଳଦ ଚଳାଇବା ଲୋକ ଅଭାବ ତଥା ଶଗଡ଼ ଗାଡ଼ି ନିର୍ମାଣରେ ସରକାରୀ ସହାୟତା ମିଳୁ ନାହିଁ। ଫଳରେ ଲୋକଙ୍କ ଟ୍ରାକ୍ଟର, ପାୱାର ଟିଲର ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ଶଗଡ଼ ଗାଡ଼ି ଓ ହଳବଳଦର ଚାହିଦା ଗାଁଠାରୁ ସହର ପର୍ଯ୍ୟନ୍ତ କାଁ ଭାଁ ଦେଖୁବାକୁ ମିଳୁଛି ବୋଲି ସେ କହିଛନ୍ତି।

# ଛତୁ ଚାଷ ପ୍ରଶିକ୍ଷଣ ଶିବିର



**ବରଗଡ଼, ୭।୩(ସମିସ):** ବରଗଡ଼ ଉଦ୍ୟାନ କୃଷି ଭବନ ସ୍ଥିତ ମାଧୋ ସିଂ ସମ୍ମିଳନୀ କକ୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କଙ୍କ ପାଇଁ ଛତୁ ଚାଷ ବିଷୟରେ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ବିଭାଗ ତଥା ରାଜ୍ୟ ଯୋଜନା ଅଧୀନରେ ମହିଳା ଚାଷୀଙ୍କୁ ସଶକ୍ତ କରିବା ସହ ଛତୁଚାଷକୁ ଏକ ସ୍ଥାୟୀ ଓ ଲାଭଜନକ ଜୀବିକା ଭାବେ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ବରଗଡ଼ ଜିଲ୍ଲାର ମୁଖ୍ୟ କୃଷି ଅଧିକାରୀ ଲୋଚନ ମାଝୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସନ୍ଧ୍ୟାରାଣୀ ନେପାକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା ଅତିଥି ସମ୍ମାନିତ ଭାବେ ଯୋଗଦେଇ ଥିଲେ। ଉପସ୍ଥିତ ଥିବା ୬୫ରୁ ଅଧିକ ମହିଳା ଚାଷୀଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଢେଙ୍କାନାଳ ଜିଲ୍ଲାର ଓଡ଼ାପଦା ବ୍ଲକ ଅଧୀନ ଇନ୍ଦିପୁର ଗ୍ରାମର ଜାତୀୟ ପୁରସ୍କାରପ୍ରାପ୍ତ ଛତୁଚାଷୀ ଅଜୟ ପୃଷ୍ଟି ମୁଖ୍ୟ ସାଧନ କର୍ମୀ ଭାବେ ଯୋଗ ଦେଇ ଛତୁ ଚାଷ କ୍ଷେତ୍ରରେ ନିଜର ୩୦ ବର୍ଷରୁ ଅଧିକ ଅନୁଭବ ଓ ପ୍ରାୟୋଗିକ ଜ୍ଞାନ ମାମାନଙ୍କୁ ପ୍ରଦାନ କରିଥିଲେ। ବରପାଲି ନିବାସୀ ବଟନ୍ ଛତୁ ଉତ୍ପାଦକ ତଥା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜଣେ ସଫଳ ଉଦ୍ୟମୀ ଅଭିନବ ପଟ୍ଟନାୟକ ଏବଂ ଅତ୍ତାବିରା ବ୍ଲକ ଅଧୀନ କୁଲୁନ୍ଦା ଗ୍ରାମର ମଶରୁମ୍ ସ୍ପନ୍ ଉତ୍ପାଦକ ଓ ଚାଷୀ ଦିନେଶ ସାହୁ ମଧ୍ୟ ସାଧନକର୍ମୀ ଭାବେ ଯୋଗ ଦେଇଥିଲେ।

# ଝାରସୁଗୁଡ଼ାରେ ଏଚ୍‌ପିଭି ଟୀକାକରଣ ଅଭିଯାନ ଶୁଭାରମ୍ଭ

ଝାରସୁଗୁଡ଼ା, ୭।୩(ସମିସ)



**ଜିଲ୍ଲାରେ ୪୪୪୨ରୁ ଉର୍ଦ୍ଧ୍ୱ କିଶୋରୀଙ୍କୁ ମିଳିବ ଜରାୟୁ କର୍କଟ ନିରୋଧୀ 'ସୁରକ୍ଷା କବଚ'**

**ଏଚ୍‌ପିଭି ଟୀକା ଜରାୟୁ ଗ୍ରୀବା କର୍କଟରୋଗ ବିରୋଧରେ 'ଅମୋଘ ଅସ୍ତ୍ର'- ସ୍ୱାସ୍ଥ୍ୟ ମନ୍ତ୍ରୀ**

**ମାତୃଶକ୍ତିର ସୁରକ୍ଷା ହିଁ ସମାଜର ପ୍ରକୃତ ପ୍ରଗତି- ବିଧାୟକ**

ଦେଶବ୍ୟାପୀ ଚାଲିଥିବା ଏଚ୍‌ପିଭି ଟୀକାକରଣ ଅଭିଯାନର ଅଂଶସ୍ୱରୂପ ଶନିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲାସ୍ତରୀୟ ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି, ସାଂସଦଙ୍କ ପ୍ରତିନିଧି ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମହେଶ ମୋହନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମଙ୍ଗଳ ବଜାର ସ୍ଥିତ ସାଟେଲାଇଟ୍ ହସ୍ପିଟାଲ ପାଇଁ ମନ୍ତ୍ରୀ ଓ ବିଧାୟକ ଏକ ଇସିଜି ମେସିନ ମଧ୍ୟ ପ୍ରଦାନ କରିଥିଲେ। ଏହି ଅଭିଯାନ ଅଧୀନରେ ୧୪ରୁ ୧୫ ବର୍ଷ ବୟସର କିଶୋରୀମାନଙ୍କୁ ଏଚ୍‌ପିଭି ଟୀକା ପ୍ରଦାନ କରାଯାଉଛି। ଏହା ସେମାନଙ୍କୁ ଭବିଷ୍ୟତରେ ସର୍ଭିକାଲ କ୍ୟାନ୍ସର ବା ଜରାୟୁ ଗ୍ରୀବା କର୍କଟ ରୋଗରୁ ସୁରକ୍ଷା ଦେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ରାଜ୍ୟର ପ୍ରାୟ ୩.୩୬ ଲକ୍ଷ କିଶୋରୀଙ୍କୁ ଟୀକାକରଣରେ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି। ଝାରସୁଗୁଡ଼ା ଜିଲ୍ଲାରେ ପ୍ରାୟ ୪, ୪୪୨ରୁ ଉର୍ଦ୍ଧ୍ୱ କିଶୋରୀଙ୍କୁ ଅଭିଯାନରେ ସାମିଲ କରାଯିବ। ଏଥିପାଇଁ ଜିଲ୍ଲାରେ ୬୫୦ ଆଶାକର୍ମୀ, ୫୨ ଜଣ ଟୀକା ପ୍ରଦାନ କାରୀ ଓ ସମସ୍ତ ମେଡିକାଲ ଅଫିସରଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମହାଲିଙ୍ଗ କହିଥିଲେ ଯେ ଏହି ବ୍ୟାପକ ଟୀକାକରଣ ଅଭିଯାନ ଜରାୟୁ ଗ୍ରୀବା କର୍କଟରୋଗ ବିରୋଧରେ 'ଅମୋଘ ଅସ୍ତ୍ର' ସଦୃଶ କାର୍ଯ୍ୟ କରିବ। ଏହି ସୁରକ୍ଷା କବଚ ପ୍ରଦାନ କରିବା ସହ କ୍ୟାନ୍‌ସର ମୁକ୍ତ ଓଡ଼ିଶା ଗଠନରେ ସମସ୍ତେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଧାୟକ ଶ୍ରୀ ତ୍ରିପାଠୀ ନିଜ ଅଭିଭାଷଣରେ କହିଥିଲେ ଯେ, ମାତୃଶକ୍ତିର ସୁରକ୍ଷା ହିଁ ସମାଜର ପ୍ରକୃତ ପ୍ରଗତିର ପରିଚୟ। ଏହି ଜନହିତକର ପଦକ୍ଷେପ ଜରିଆରେ ପ୍ରତିଟି ପରିବାର ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଜରାୟୁ ଗ୍ରୀବା କର୍କଟ ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମହେଶ ମୋହନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# 'ବାଲ୍ୟ ବିବାହ ମୁକ୍ତ ଭାରତ' ଅଭିଯାନ କର୍ମଶାଳା ଓ ପଦଯାତ୍ରା

**ଝାରସୁଗୁଡ଼ା, ୭।୩(ସମିସ):** ଜିଲ୍ଲା ପ୍ରଶାସନର ସମାଜ ମଙ୍ଗଳ ବିଭାଗ ଏବଂ ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର 'ବାଲ୍ୟ ବିବାହ ମୁକ୍ତ ଭାରତ' ୧୦୦ ଦିନିଆ ଅଭିଯାନ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଓ ପଦଯାତ୍ରା ସଫଳତାର ସହ ସମ୍ପାଦିତ ହୋଇଯାଇଛି। ସବ୍‌କଲେକ୍ଟର କନଫରେନ୍ସ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ରୋକିବା ଏବଂ ଶିଶୁ ସୁରକ୍ଷା ଅଧିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା। କର୍ମଶାଳା ପୂର୍ବରୁ ସକାଳ ୯ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଚେତନତା ପଦଯାତ୍ରା ବାହାରିଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗର୍ତିଆ ପତାକା



ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ, ସଖୀ, ଶକ୍ତି ସଦନ ଏବଂ ସେହେଡା (ଏସ୍‌ଇଏଚ୍‌ଇଡିଏ) ସଂଗଠନର କର୍ମକର୍ତ୍ତାମାନେ ସାମିଲ ହୋଇ ବାଲ୍ୟ ବିବାହ ବିରୋଧରେ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ସବ୍‌କଲେକ୍ଟର ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସିଡବ୍ଲ୍ୟୁସି ଅଧ୍ୟକ୍ଷ ଆଶିଷ ପଣ୍ଡା ମୁଖ୍ୟ ସମ୍ପଦ ବ୍ୟକ୍ତି ଭାବେ ଯୋଗ ଦେଇଥିଲେ। ସେ ଚାଇଲ୍ଡଲାଇନର ଭୂମିକା, ଶିଶୁ ସୁରକ୍ଷା ପାଇଁ ଥିବା ଆଇନଗତ ପଦକ୍ଷେପ ଏବଂ ରେସ୍କ୍ୟୁ ପ୍ରକ୍ରିୟା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଷ୍ଟାର ପ୍ରଚାରକ ମୀନାକ୍ଷୀରାଜ ଏବଂ ଜେଣ୍ଡର ସ୍ପେସିଆଲିଷ୍ଟ ଜୁବ୍ଲିରାଣୀ ପଟେଲ ଗ୍ରାମାଞ୍ଚଳ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ୧୦୦ ଦିନ ଧରି ଚାଲିଥିବା ସଚେତନତା କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବାଲ୍ୟ ବିବାହ ରୋକିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସରପଞ୍ଚ, ଶିକ୍ଷକ ଏବଂ ଗ୍ରାମୀଣ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମଟି ଯାଜ୍ଞସେନୀ ମହାନନ୍ଦଙ୍କ ଦ୍ୱାରା ସଞ୍ଚାଳିତ ହୋଇଥିବା ବେଳେ ଜିଲ୍ଲା ସମନ୍ୱୟକ ଲିଳେଶ୍ୱର ସାହୁଙ୍କ ନିରୀକ୍ଷଣରେ ଏବଂ ଜିଲ୍ଲା ହବ୍‌ର କର୍ମଚାରୀଙ୍କ ସହଯୋଗରେ ସଫଳ ହୋଇଥିଲା।

# ଗ୍ରୀଷ୍ମ ପ୍ରବାହ ସତର୍କତା ପାଇଁ ସମୀକ୍ଷା ବୈଠକ

**ଦେବଗଡ଼, ୭।୩(ସମିସ):** ଗ୍ରୀଷ୍ମ ପ୍ରବାହ ଜନିତ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସାହୁ ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ପ୍ରଶାସନିକ ସ୍ତରରେ ସମସ୍ତେ ସଜାଗ ରହିବା ସହିତ ଜିଲ୍ଲାରେ ଅଂଶୁଘାତ ମୃତ୍ୟୁ ହାର ଶୂନ୍ୟ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ପ୍ରଚାର ତଥା ଗଣମାଧ୍ୟମ ଜରିଆରେ ସଚେତନତା ସୃଷ୍ଟି କରାଯିବ। ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସା ବିଭାଗ, ପଞ୍ଚାୟତରାଜ, ଶିକ୍ଷାନୁଷ୍ଠାନ, ଅନୁସୂଚିତ ଜାତି ଓ ଜନଜାତି, ଶ୍ରମ ବିଭାଗ, ପରିବହନ ବିଭାଗ, ଜଙ୍ଗଲ ବିଭାଗ, ବିଦ୍ୟୁତ ବିଭାଗ, ସମାଜ ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଚିକିତ୍ସା ଅଧିକାରୀ ସଜାଗ ରହିବାକୁ କୁହାଯାଇଛି। ଚିକିତ୍ସାଳୟରେ ଅଂଶୁଘାତ ଔଷଧ ଓ ଓଆରଏସ ମହଜୁଦ ରଖିବା, ଅଂଶୁଘାତ ରୋଗୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଓ ବ୍ଲକରେ ବିଭିନ୍ନ ବିଭାଗରେ କଣ୍ଟ୍ରୋଲରୁମର ବ୍ୟବସ୍ଥା ସହ କଣ୍ଟ୍ରୋଲରୁମ ନମ୍ବର-୦୬୬୪୧୨୨୬୮୪୩ ଜାରି କରାଯାଇଛି। ଗ୍ରାମାଞ୍ଚଳରେ ପାନୀୟ ଜଳ ଓ ବିଦ୍ୟୁତର ନିରବିଚ୍ଛିନ୍ନ ସେବା, ଅଚଳ ନଳକୂପ ଗୁଡିକ ମରାମତି, ପ୍ରତ୍ୟେକ ୱାର୍ଡରେ ଜଳଛତ୍ର ଖୋଲାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷାନୁଷ୍ଠାନ ଓ ଯାତ୍ରୀବାହୀ ବସ ମାନଙ୍କରେ ଥଣ୍ଡା ପାନୀୟ ଜଳ ଓ ଛାୟାର ବ୍ୟବସ୍ଥା ପାଇଁ କୁହାଯାଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁକେଶ ଭୋଇ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ତାପସ ମହନ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

# ୭ ସମବାୟ ସମିତିର ଭିତ୍ତିଭୂମି ଉଦ୍‌ଘାଟିତ

## କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ପାକ୍ସ ଗୁଡିକର ଭର୍ଚୁଆଲ୍ ଲୋକାର୍ପଣ

**ଝାରସୁଗୁଡ଼ା, ୭।୩(ସମିସ):** କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ କରକମଳରେ ୧୪୧ଟି ଆଧୁନିକ ଧାନମଣ୍ଡିର ଲୋକାର୍ପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୭୨.୧୭ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ପ୍ରକଳ୍ପଗୁଡିକ ଚାଷୀଙ୍କୁ ଧାନ ବିକ୍ରୟ ଓ ସଂରକ୍ଷଣ କ୍ଷେତ୍ରରେ ବ୍ୟାପକ ସହାୟତା ପ୍ରଦାନ କରିବ। ଜିଲ୍ଲାର ୭ଟି ପ୍ରାଥମିକ କୃଷି ସମବାୟ ସମିତି ଏହି ଆଧୁନିକୀକରଣ ଯୋଜନାରେ ଅନ୍ତର୍ଭୁକ୍ତ ରହିଛି। ଏହି ଆଧୁନିକ ଧାନମଣ୍ଡିଗୁଡିକରେ ଉନ୍ନତ ଗୋଦାମ ଗୃହ, ପରିଚାଳନା ବ୍ୟବସ୍ଥା ଏବଂ ଚାଷୀଙ୍କ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ରହିଛି। ମାର୍ଚ୍ଚ ୬ରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଶାହ ଜିଲ୍ଲାର ୭ଟି ପ୍ରାଥମିକ କୃଷି ସମବାୟ ସମିତି (ପିଏସିଏସ୍) ଅଧୀନରେ ଥିବା ଧାନ ସଂଗ୍ରହ କେନ୍ଦ୍ରଗୁଡିକର ଆଭାସି ମାଧ୍ୟମରେ ଆବଶ୍ୟକୀୟ ଭିତ୍ତିଭୂମିର ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଅଧିକ ଶୃଙ୍ଖଳିତ ଏବଂ ସୁଗମ ହେବ। ଏହି ପାକ୍ସ ଗୁଡିକରେ ନୂତନ ଭିତ୍ତିଭୂମି ନିର୍ମାଣ ହେବା ଫଳରେ ଧାନ ମହଜୁଦ ରଖିବା ଏବଂ ଏହାର ପରିଚାଳନା କ୍ଷମତାରେ ବୃଦ୍ଧି ଘଟିବ। ଧାନ ବିକ୍ରୟ ସମୟରେ ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଏହି କେନ୍ଦ୍ରଗୁଡିକରେ ଉନ୍ନତ ବୈଷୟିକ ସୁବିଧା ଏବଂ ଭଣ୍ଡାର ଗୃହର ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ଜିଲ୍ଲା ପ୍ରଶାସନ ଏବଂ ସମବାୟ ବିଭାଗ ପକ୍ଷରୁ ଏହି ଭିତ୍ତିଭୂମିର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ସର୍ବାଧିକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ସମବାୟ ବିଭାଗର କର୍ମଚାରୀ ଏବଂ ବହୁ ସଂଖ୍ୟକ ଚାଷୀ ଭର୍ଚୁଆଲ୍ ମାଧ୍ୟମରେ ସାମିଲ ହୋଇଥିଲେ।

## ଅପରେସନ 'ନେତ୍ର'

# ୭୨ ଘଣ୍ଟାରେ ତାଲମୁଣ୍ଡା ଡକାୟତି ମାମଲାରେ ୯ ଗିରଫ

**ଝାରସୁଗୁଡ଼ା, ୭।୩(ସମିସ):** ଝାରସୁଗୁଡ଼ା ପୁଲିସ 'ଅପରେସନ ନେତ୍ର'ରେ ଲଇକେରା ଥାନା ଅଧୀନ ତାଲମୁଣ୍ଡା ଗାଁରେ ଘଟିଥିବା ଡକାୟତି ଘଟଣାର ପର୍ଦ୍ଦାଫାଶ କରି ପୁଲିସ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବହୁ ପରିମାଣର ସୁନା-ରୁପା ଅଳଙ୍କାର, ନଗଦ ଟଙ୍କା ଓ ଏକ ବୋଲେରୋ ଗାଡି ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଅଞ୍ଚଳର ଦୀପକ ଖଡିଆ (୨୫), ଅଶୋକ ଖଡିଆ (୨୦), ଆକାଶ ସାହୁ (୨୪), ଅଜୟ ମୁଣ୍ଡା (୧୯), ଧନଞ୍ଜୟ ଖଡିଆ (୪୭), ବାବଲୁ ବରାଇୟା (୨୨) ଓ ରେଙ୍ଗାଲି-ଲାଇକେରା ଅଞ୍ଚଳର ଭୋଳା ନାୟକ (୨୫), ବିଶାଳ ଓରାମ (୨୭) ଓ ବିଶ୍ୱଜିତ ପସାୟତ (୨୭)। ଗତ ୩ ତାରିଖ ବିଳମ୍ବିତ ରାତିରେ ତାଲମୁଣ୍ଡା ଅଞ୍ଚଳରେ ଡକାୟତି ହୋଇଥିଲା। ଝାରସୁଗୁଡ଼ା ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍ ଓ ସାଇବର ସେଲର ସହାୟତାରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ପୁଲିସ ମାତ୍ର ୭୨ ଘଣ୍ଟା ମଧ୍ୟରେ ଏହି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତଙ୍କ ନିକଟରୁ ଏକାଧିକ ସୁନା ଚେନ୍, ମଙ୍ଗଳସୂତ୍ର, ମୁଦି, ଚୁଡି ସହ ରୁପା ଅଳଙ୍କାର ଜବତ ହୋଇଛି। ଏହା ସହିତ ୧, ୪୩, ୮୦୩ ଟଙ୍କା ନଗଦ, ୮ଟି ମୋବାଇଲ୍ ଫୋନ୍, ୧୯୧୬ ମସିହାର ଏକ ପୁରାତନ ରୁପା ମୁଦ୍ରା, ଛୁରୀ, ବେସବଲ୍ ବ୍ୟାଟ୍ ଓ ଲୁଟ୍ କାର୍ଯ୍ୟରେ ବ୍ୟବହୃତ ବୋଲେରୋ (ଓଆର-୧୫-ଏସ-୩୫୪୩) ମଧ୍ୟ ପୁଲିସ ଜବତ କରିଛି। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ପ୍ରଶଂସା କରାଯାଇଛି। ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ 'ଅପରେସନ ନେତ୍ର' ମାଧ୍ୟମରେ ଅପରାଧୀଙ୍କ ଉପରେ କଡା ନଜର ରଖାଯାଉଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ମାମଲାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ଅଧିକ ତଦନ୍ତ ଚାଲିଛି।

## ଅନ୍ତର୍ଜାତୀୟ ମହିଳା ଦିବସ

# 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' କାର୍ଯ୍ୟକ୍ରମ

**ଦେବଗଡ଼, ୭।୩(ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦ୍ୱିତୀୟ ଦିନର ବିଷୟ ବସ୍ତୁ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ଦେବଗଡ଼ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ବରେଣ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ପ୍ରିୟଦର୍ଶିନୀ ମିର୍ଦ୍ଧା ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ କୁଡ ଏକାଡେମୀ ପକ୍ଷରୁ ଅନିଲ ବାର୍ଲା ଓ ତାଙ୍କ ସାଥି ମହିଳା ମାନଙ୍କୁ ଆତ୍ମରକ୍ଷା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହିଳା ମାନଙ୍କର ସ୍ୱାସ୍ଥ୍ୟରକ୍ଷା ଉପରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ବଂଶୀଧର ପାତ୍ର ଓ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମ୍ୟାନେଜର ମୁକେଶ ଭୋଇ ମହିଳା ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ମୁକେଶ ଭୋଇ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ଜିଲ୍ଲାର ସମସ୍ତ ମହିଳା, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ମହାବିଦ୍ୟାଳୟର ଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିବା ବେଳେ ସହକାରୀ ଜିଲ୍ଲାପାଳ ତଥା କ୍ରୀଡା ଅଧିକାରୀ ତାପସ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ପୌର କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

# ଦୈନିକ ବଜାରରେ ଗଦା ହେଲାଣି କୁଢ଼କୁଢ଼ ଅଳିଆ

**ଦେବଗଡ଼, ୭।୩(ସମିସ):** ଦେବଗଡ଼ ପୌରାଞ୍ଚଳରେ ସଫେଇ କାର୍ଯ୍ୟ ଘରୋଇକରଣ ପରଠାରୁ ବିଭିନ୍ନ ସମୟରେ ଠିକା ସଂସ୍ଥା ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବିବାଦୀୟ ପରିସ୍ଥିତି ଦେଖାଯାଉଛି। ଫଳରେ ନିଜ ନ୍ୟାଯ୍ୟ ଦାବି



**ପୌର ନିର୍ବାହୀ ଅଧିକାରୀଙ୍କ ହସ୍ତକ୍ଷେପ**

**ଆଜି କାର୍ଯ୍ୟରେ ଯୋଗଦେବେ କର୍ମଚାରୀ**

ହାସଲ ପାଇଁ ପୌର ପରିଷଦରୁ ସଫେଇ କାର୍ଯ୍ୟ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ବିରୁଦ୍ଧରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସହରରେ ପରିମଳ ବ୍ୟବସ୍ଥା ଭୁଶୁଡି ପଡ଼ିଛି। ଏହି କ୍ରମରେ ଦେବଗଡ଼ ପୌର ପରିଷଦରୁ ସଫେଇ ପାଇଁ ଦାୟିତ୍ୱ ପାଇ ଥିବା ଠିକା ସଂସ୍ଥା କାର୍ଯ୍ୟରତ ୧୦୪ଜଣ ସଫେଇ କର୍ମଚାରୀଙ୍କ ଦରମା ସାଙ୍ଗକୁ ଇପିଏଫ ଅର୍ଥ ସଠିକ ସମୟରେ ଜମା କରୁନଥିବା ସଫେଇ କର୍ମଚାରୀ ମାନେ ଅଭିଯୋଗ କରିଥିଲେ। ତେଣୁ ଗତକାଲି ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଥିବାରୁ ଗତକାଲି ଓ ଆଜି ସହରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ରହିଛି। ସହରର ଜନଗହଳି ପୂର୍ଣ୍ଣ ଘରୋଇ ବସଷ୍ଟାଣ୍ଡ, ଗୋପବନ୍ଧୁ ଛକ, ଦୈନିକ ବଜାର ରାସ୍ତାରେ କୁଢ଼କୁଢ଼ ଅଳିଆ ଜମା ହୋଇ ପଡ଼ିଥିବା ବେଳେ ଜନ ସାଧାରଣରେ ଘୋର ଅସନ୍ତୋଷ ସୃଷ୍ଟି କରିଛି। ତେବେ ପୌର ସଫେଇ କର୍ମଚାରୀଙ୍କ ଆନ୍ଦୋଳନର ଦ୍ୱିତୀୟ ଦିବସରେ ଆଜି ନୂତନ ଭାବେ ପୌର ପରିଷଦରେ ଯୋଗ ଦେଇଥିବା ନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଳା ଠିକା ସଂସ୍ଥା ମୁଖ୍ୟ ଓ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଆସନ୍ତାକାଲି ଠାରୁ ସଫେଇ କର୍ମଚାରୀ ମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ଶୁକ୍ଳା ପ୍ରକାଶ କରିଛନ୍ତି।

# ଦେଶୀ ଓ ବିଦେଶୀ ମଦ ଜବତ, ଜଣେ ଗିରଫ

**କୁଣ୍ଢେଇଗୋଳା, ୭।୩(ସମିସ):** ରିଆମାଳ ବ୍ଲକ ତଥା କୁଣ୍ଢେଇଗୋଳା ଥାନା ଡୁଙ୍ଗାମାଳ ଗାଁରେ ରାମଚନ୍ଦ୍ର ବେହେରା (୫୮)ଙ୍କୁ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଶନିବାର ପୁଲିସ ଗିରଫ କରିଛି। ରାମ ତାଙ୍କ ଗ୍ରୋସୋରୀ ଦୋକାନରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ସୂତ୍ରରୁ ସୂଚନା ପାଇ ପୁଲିସ ଗତକାଲି ରାତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଦୋକାନ ଭିତରୁ ପ୍ରାୟ ୫୦ ଲିଟର ମଦ ଜବତ ହୋଇଥିଲା। ପୁଲିସ ରାମଚନ୍ଦ୍ରଙ୍କୁ ଆଜି କୋର୍ଟଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଜାତୀୟରାଜପଥରୁ ହଟିଲା ଜବରଦଖଲ



**ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୁରୁଣା ଟୋଲ ଗେଟ୍ ନିକଟସ୍ଥ ରାସ୍ତା ଅବରୋଧ ମୁକ୍ତ**

**ଝାରସୁଗୁଡ଼ା, ୭।୩(ସମିସ):** ବ୍ରଜରାଜନଗର ପୌରପାଳିକାର ପକ୍ଷରୁ ଶନିବାର ବ୍ରଜରାଜନଗର ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶେଷ କରି ପୁରୁଣା ଟୋଲ ଗେଟ୍ ନିକଟସ୍ଥ ଜାତୀୟ ରାଜପଥ କଡରେ ଥିବା ବେଆଇନ ନିର୍ମାଣ ଓ ଅବରୋଧ ଯୋଗୁଁ ସାଧାରଣ ପରିବହନରେ ବହୁ ବାଧା ସୃଷ୍ଟି ହେଉଥିଲା। ଆଜି ସମ୍ପୂର୍ଣ୍ଣ ରୂପେ ଏହି ସ୍ଥାନକୁ ଜବରଦଖଲ ମୁକ୍ତ କରାଯାଇଛି। ବ୍ରଜରାଜନଗର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଉଚ୍ଛେଦ ପ୍ରକ୍ରିୟା ପରିଚାଳିତ ହୋଇଥିଲା। ଦୀର୍ଘ ଦିନ ଧରି ଜାତୀୟ ରାଜପଥ କଡରେ କିଛି ଅନଧିକୃତ ଦଖଲକାରୀ ରାସ୍ତା ଅବରୋଧ କରି ରହିଥିଲେ। ଫଳରେ ଯାତାୟାତରେ ଅସୁବିଧା ହେବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ରହୁଥିଲା। ଆଜି ପ୍ରଶାସନିକ ଟିମ୍ ସେଠାରେ ପହଞ୍ଚି ବେଆଇନ ଭାବେ ଗଢ଼ି ଉଠିଥିବା ଅସ୍ଥାୟୀ ନିର୍ମାଣଗୁଡିକୁ ହଟାଇବା ସହ ରାସ୍ତାକୁ ସମ୍ପୂର୍ଣ୍ଣ ପରିଷ୍କାର କରିଛନ୍ତି।

# ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଝାରସୁଗୁଡ଼ା, ୭।୩(ସମିସ):** ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଦୀର୍ଘଦିନର ଜମି ସମସ୍ୟାର ଯଥାଶୀଘ୍ର ସମାଧାନ ହେବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମହାବିଦ୍ୟାଳୟ ପ୍ରତି ଶୁଭେଚ୍ଛା ବାର୍ତ୍ତା ପଠନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ରେଣୁକା ପୂଜାରୀ ସ୍ୱାଗତ ଭାଷଣ ଦେଇଥିଲେ। କଲେଜର ପ୍ରଶାସନିକ ଅଧିକାରୀ ଡ.ସୁପ୍ରିତା ଦାଶ ବିବରଣୀ ପାଠ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ କଲ୍ୟାଣୀ ମିଶ୍ର ସଭା ପରିଚାଳନା କରିଥିଲେ। ସାଂସ୍କୃତିକ ପରିଚାଳନା ଅଧିକାରୀ ଡ.ଜୟଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ମାନଙ୍କ ଦ୍ୱାରା 'ରାଣ୍ଡିପୁଅ ଅନନ୍ତା' ନାଟକ ପରିବେଷଣ ହୋଇଥିଲା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଓଡ଼ିଆ ଅଧ୍ୟାପକ ନୈରିତରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରି ଦିବସୀୟ ରାଜ୍ୟ ଓ ଜିଲ୍ଲାସ୍ତରୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା

# ଦ୍ୱିତୀୟ ଦିବସରେ ୮ ଦଳ ମଧ୍ୟରେ ଲିଗ୍ ମ୍ୟାଚ୍

ଦେବଗଡ଼, ୭।୩(ସମିସ)



ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେବଗଡ଼ ସେବା ସଙ୍ଘ ଓ ଜିଲ୍ଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ତ୍ରି ଦିବସୀୟ ଦିବାରାତ୍ର କବାଡି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ରାଜା ବାସୁଦେବ ହାଇସ୍କୁଲ ଖେଳ ପଡ଼ିଆରେ ଆରମ୍ଭ ହୋଇଯାଇଛି। ଆଜି ଦ୍ୱିତୀୟ ଦିବସରେ ରାଜ୍ୟସ୍ତରୀୟ ୮ଟି ଦଳ ମଧ୍ୟରେ ଲିଗ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ସେବା ସଙ୍ଘ ସଭାପତି ଧର୍ମେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ତିଳେଇବଣି ବ୍ଲକ ଉପାଧ୍ୟକ୍ଷ ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ ଓ ରାଜ୍ୟ କବାଡି ସଙ୍ଘ ଉପାଧ୍ୟକ୍ଷ ପୃଥ୍ୱୀରାଜ ପଟ୍ଟନାୟକ ଯୋଗ ଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଆଜି ପ୍ରତିଯୋଗିତାର ଉଦ୍‌ଘାଟନୀ ଲିଗ ମ୍ୟାଚ୍ ଯାଜପୁର ଓ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ୨୦-୧୬ ପଏଣ୍ଟ ବ୍ୟବଧାନରେ କଟକ ଦଳ ବିଜୟୀ ହୋଇଥିଲା। ସେହିପରି ପରବର୍ତ୍ତୀ ମ୍ୟାଚ୍ ଗୁଡିକରେ ଗଞ୍ଜାମ ଅନୁଗୋଳକୁ ୪୫-୧୮, କଟକ ରାଉରକେଲାକୁ ୩୩-୨୩, ସମ୍ବଲପୁର ଅନୁଗୋଳକୁ ୨୬-୨୪, ଭୁବନେଶ୍ୱର ଯାଜପୁରକୁ ୨୮-୨୭, ଗଞ୍ଜାମ ଦେବଗଡ଼କୁ ୨୮-୧୮, ପଏଣ୍ଟରେ ପରାସ୍ତ କରିଥିଲେ। ପ୍ରତିଯୋଗିତାର ମ୍ୟାଚ୍ ଗୁଡିକୁ ପ୍ରୋ ଅଫିସିଆଲ କେ, ମାଧବ ରାଓ ଏବଂ ପୁପୁନ ମଲ୍ଲିକଙ୍କ ସହ ଏକେଏଫଆଇ ରେଫରୀ ସରୋଜ ସେଠୀ, ଦିଲ୍ଲୀପ ନାୟକ, ଅରବିନ୍ଦ ଖୁଣ୍ଟିଆ, ଅନନ୍ତ ଚରଣ ନାଥ, ମନୋଜ ଆଚାର୍ଯ୍ୟ, ରଞ୍ଜିତା ମିଶ୍ର ତଥା ଓଡ଼ିଶା ରେଫରୀ ବିଭୁ ଭୂଷଣ ପାଲ, ବିଶ୍ୱ ପ୍ରକାଶ ସାହୁ, ପ୍ରଶାନ୍ତ ସେଠ, ଜିତେନ୍ଦ୍ର ଦାସ ଓ ସଙ୍ଗୀତରାଜ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାର ଦ୍ୱିତୀୟାର୍ଦ୍ଧରେ ଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ, ଜିଲ୍ଲା କ୍ରୀଡା ସଂସଦ କବାଡି ସମ୍ପାଦକ ସୁଭାଷ ଚନ୍ଦ୍ର ଭୋଇ, ବରିଷ୍ଠ ସାମ୍ବାଦିକ ଅଶୋକ ନନ୍ଦ, ସିଦ୍ଧାର୍ଥ ଗୁରୁ, ସଞ୍ଜୀବ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ୍‌ର ସମ୍ପାଦକ ଅବିନାଶ ପ୍ରଧାନ, କୋଷାଧ୍ୟକ୍ଷ ସୁରେନ ନାୟକଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

ସକାଳ THE SAKALA
ରବିବାର
୮ ମାର୍ଚ୍ଚ, ୨୦୨୬



# ବରଗଡ଼ରେ ଗଳିକନ୍ଦିରେ ପୁଲିସ୍ ପରେଡ୍

## ● ନିଶା ମାଫିଆଙ୍କ ବିରୋଧରେ ସଜାଗ ହେଲା ପ୍ରଶାସନ



ବରଗଡ଼, ୭।୩(ସମିସ): ବରଗଡ଼ ସହରରେ ବଢ଼ି ଚାଲିଥିବା ଅପରାଧ ଓ ବେଆଇନ ନିଶା କାରବାର ବିରୋଧରେ ପୁଲିସ ସଜାଗ ହୋଇଛି। ସହରର ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପାଇଁ ବରଗଡ଼ ଜିଲ୍ଲା ପୁଲିସ୍ ଓ ପ୍ରଶାସନ ଅଣ୍ଟା ଭିଡିଛି। ବିଭିନ୍ନ ଗଳିକନ୍ଦିରେ ଚାଲିଥିବା ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ଆରମ୍ଭ ହୋଇଛି ବ୍ୟାପକ ସଫେଇ ଅଭିଯାନ। ଅପରାଧୀ ମାନଙ୍କ ବିରୋଧରେ 'ଜିରୋ ଟୋଲେରାନ୍ସ' ନୀତି ଅନୁସରଣ କରାଯାଉଛି। ସହରର ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପକ୍ଷରୁ ଦିନରାତି ପାଟ୍ରୋଲିଂ କଡାକଡି କରାଯାଇଛି। ନିୟମିତ ଚେକିଂ କରାଯାଇ ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଉଛି। ଅନେକ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଉଛି। ବିଭିନ୍ନ ଗଳିକନ୍ଦିରେ ବେଆଇନ ଭାବେ ଚାଲିଥିବା ନିଶା ଆଡ୍ଡା ଗୁଡିକୁ ପୁଲିସ ପକ୍ଷରୁ ଧ୍ୱଂସ କରାଯାଉଛି।ପୁଲିସର ଏହି ଆକ୍ସନ ମୋଡ୍ ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ସୁରକ୍ଷାବୋଧ ବଢ଼ିବାରେ ଲାଗିଛି। ବିଶେଷ କରି ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ଏହି ଅଭିଯାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଆଗକୁ ଏହି ଅଭିଯାନ ଆହୁରି ଜୋରଦାର ହେବ। କୌଣସି ବି ଅପରାଧୀକୁ ଛଡାଯିବ ନାହିଁ ଏବଂ ସହରକୁ ସମ୍ପୂର୍ଣ୍ଣ ରୂପେ ନିଶାମୁକ୍ତ ଓ ଅପରାଧ ମୁକ୍ତ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନା କହିଛନ୍ତି।

# କୃଷକ ଉତ୍ପାଦକ ସଂଘର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବରଗଡ଼, ୭।୩(ସମିସ)




ବରଗଡ଼ ସ୍ଥିତ ଗଣପତି ହୋଟେଲ ଠାରେ ଜିଲ୍ଲାର ବିଭିନ୍ନ କୃଷକ ଉତ୍ପାଦକ ସଂଗଠନ ସଦସ୍ୟ ମାନଙ୍କ ପାଇଁ ଆୟୋଜିତ ୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ସମାପନ ହୋଇଛି। ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ବରଗଡ଼, ଅମ୍ବାଭୋନା, ପଦ୍ମପୁର, ପାଇକମାଳ, ସୋହେଲା ଏବଂ ଗାଇସିଲେଟ ବ୍ଲକର ୬ଟି କୃଷକ ଉତ୍ପାଦକ ସଂଗଠନରୁ ମୋଟ ୨୪ ଜଣ ସଦସ୍ୟ ଅଂଶଗ୍ରହଣ କରଥିଲେ। ଏଫ୍‌ପିଓର କାର୍ଯ୍ୟପ୍ରଣାଳୀ, ଆଇନଗତ ନିୟମ ପାଳନ, ପରିଚାଳନା, ବ୍ୟବସାୟ ପରିକଳ୍ପନା ଓ ବଜାର ସହାୟତା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଅଭ୍ୟାସମୂଳକ ଜ୍ଞାନ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ପାଲାଡିଅମ୍, ଏଫ୍‌ପିଓ ପ୍ରଶିକ୍ଷକ ଆକାଶ ସାହୁ ଏବଂ କୃଷି ବ୍ୟବସାୟ ବିଶେଷଜ୍ଞ, ପ୍ରୋଗାମ ସଚିବାଳୟ, ଏଫ୍‌ପିଓ ଟେକ୍ନିକାଲ ସପୋର୍ଟ ୟୁନିଟ୍ ଅଭିଜିତ ମହାପାତ୍ର ସାଧନ କର୍ମୀ ଭାବେ ଉପସ୍ଥିତ ରହି ସମସ୍ତଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶିବିରର ଉଦ୍‌ଯାପନୀ ଅବସରରେ ବରଗଡ଼ର ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ସହକାରୀ କୃଷି ନିର୍ଦ୍ଦେଶକ ଅଞ୍ଜନ ସାହୁ ପ୍ରଶିକ୍ଷଣାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। ସେମାନେ ପ୍ରଶିକ୍ଷଣରୁ ଅର୍ଜିତ ଜ୍ଞାନକୁ ଏଫ୍‌ପିଓ ମାନଙ୍କ ସୁଦୃଢ଼ୀକରଣ ଓ କୃଷକଙ୍କ ଆର୍ଥିକ ଉନ୍ନତିରେ ବ୍ୟବହାର କରିବାକୁ ଆହ୍ୱାନ କରିଥିଲେ।

## ଦୁର୍ଘଟଣାରେ ମହିଳା ଗୁରୁତର

ବରଗଡ଼, ୭।୩(ସମିସ): ଅସରେଇପାଲିରୁ ବରଗଡ଼ ବାଇକ୍‌ରେ ଯାଉଥିବା ଏକ ଦମ୍ପତି ଶନିବାର ଅପରାହ୍ଣରେ ଚକରକେନ ନିକଟରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏଥିରେ ହୀରାବାଇ କୋଶୋରିଆ ନାମକ ମହିଳା ଗୁରୁତର ଆହତ ହୋଇଥିଲେ। ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଲର ସରକାରୀ ଶିକ୍ଷକ ସୁରେନ୍ଦ୍ର ସାହୁ ତାଙ୍କୁ ଉଦ୍ଧାର କରି ବରଗଡ଼ ଖେଦାପାଲି ଡାକ୍ତରଖାନାରେ ପହଞ୍ଚାଇ ଚିକିତ୍ସା କରାଇଥିଲେ। ଆମ୍ବୁଲାନ୍ସ ଗାଡିକୁ ଅପେକ୍ଷା ନକରି ସୋହେଲାରେ ସବରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ପ୍ରଜ୍ଞା ପ୍ରିୟଦର୍ଶୀନୀ ପ୍ରିୟମ୍ବଦାଙ୍କ କାରରେ ଆହତ ହୀରାବାଇଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଅସମୟରେ ଏପରି ସାହାଯ୍ୟ ପାଇଁ ସବରେଜିଷ୍ଟ୍ରାରଙ୍କୁ ଶ୍ରୀ ସାହୁ ଧନ୍ୟବାଦ ଜଣାଇଛନ୍ତି।

## ବିଶ୍ୱ ମହିଳା ଦିବସ ପାଳନ ଅବସରରେ ସଚେତନତା

ବରଗଡ଼, ୭।୩(ସମିସ): ସ୍ଥାନୀୟ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଆବାହକ ଗାୟତ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ନନ୍ଦିନୀ ନିରୋଦ ପଣ୍ଡା ମୁଖ୍ୟ ଅତିଥି ଓ ଆଡଭୋକେଟ୍ ସୁଜିତ ଦାଶ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ.ପ୍ରଶାନ୍ତ ଦାଶ ସଭାର ଆଭିମୁଖ୍ୟ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ତୁଷାରକାନ୍ତି ତ୍ରିପାଠୀ, ଡ.ସତ୍ୟନାରାୟଣ ନନ୍ଦ, ସ୍ୱର୍ଣ୍ଣପ୍ରଭା ମହାନ୍ତି ଓ ହୃଷିକେଶ ଦାଶ ବିଶ୍ୱ ମହିଳା ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସଭା ଶେଷରେ ଅଧ୍ୟାପିକା ସୁଧାରାଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜର୍ଜ ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ଆଲୋଚନାଚକ୍ର

ବରଗଡ଼, ୭।୩(ସମିସ): ପିଏମଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟରେ ଶନିବାର ପିଏମଶ୍ରୀ ଯୋଜନା ଅନ୍ତର୍ଭୁକ୍ତ ଆର୍ଥିକ ସାକ୍ଷରତା (ବ୍ୟାଗ୍ ଲେସ୍ ଡେ ଅଧୀନ) ଉପରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଦାଶଙ୍କ ଅଧ୍ୟକ୍ଷତାରେ ସଚେତନାତ୍ମକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଜୀବନବୀମା ନିଗମର ଅବସରପ୍ରାପ୍ତ କ୍ଷେତ୍ର ଅଧିକାରୀ ବିଶ୍ୱଜିତ ମିଶ୍ର ମୁଖ୍ୟ ଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତୁଳସୀ ଚରଣ ଦାଶ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପଦ୍ମଜା ପତି ଯୋଗ ଦେଇଥିଲେ। ପିଲାମାନେ ସଞ୍ଚୟ ମନୋବୃତ୍ତି ରଖିବା ଓ ମିତବ୍ୟୟୀ ହେବା ଉପରେ ପରାମର୍ଶ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ମିଶ୍ର ଅର୍ଥକୁ ଠିକ୍ ଭାବେ ବିନିଯୋଗ କରିବା ପାଇଁ କହିଥିଲେ। କଥୋପକଥନ ଏବଂ ପ୍ରଶ୍ନୋତ୍ତର ମାଧ୍ୟମରେ ପିଲାମାନଙ୍କ ଜଟିଳ ପ୍ରଶ୍ନର ସମାଧାନ କରିଥିଲେ। ଜିଏସ୍‌ଟି ଓ ଆର୍ଥିକ ସାକ୍ଷରତାର ବିଭିନ୍ନ କ୍ଷେତ୍ର ଉପରେ ପିଲାମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରଧାନ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ମମତା ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସଭା

ବରଗଡ଼, ୭।୩(ସମିସ): ବରଗଡ଼ ବ୍ଲକ ଅଧୀନ ଗୋବିନ୍ଦପୁର ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଗୋବିନ୍ଦପୁର ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ନାଏକଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ସଭାରେ ଅତିଥି ଭାବେ ସଦର ବ୍ରାଞ୍ଚ ବିଏମ୍ ପ୍ରତିଭାରାଣୀ ସାହୁ ଯୋଗ ଦେଇଥିଲେ। ପାକ୍ସର ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ଦାସ, ପାକ୍ସର ସମ୍ପାଦକ ଅଶୋକ ଥପା, ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, ରାଜେଶ୍ୱର ସାହୁ, ଈଶ୍ୱର ବାଗ୍, ବୀରବଲ ମହାକୁର, ବ୍ୟାସଦେବ ନାଏକ, ତରୁଣ ନାଏକ, ଶ୍ରୀକାନ୍ତ ମହାପାତ୍ର, ଅଶୋକ ସାହୁ, ପ୍ରିୟାରିଲାଲ ସାହୁ, ଧବଳେଶ୍ୱର ମେହେର, ସରୋଜ ଭୋଇ, କୃଷ୍ଣଚନ୍ଦ୍ର ଦାସ, ଲକ୍ଷଣ ପଧାନ, ସୁଶିଲ ଖମାରୀଙ୍କ ସହ ବରିଷ୍ଠ ଚାଷୀ ଛତ୍ରପତି ଭୋଇ, ରଘୁନାଥ ମହାପାତ୍ର ସହ ପାକ୍ସର ସମସ୍ତ କର୍ମଚାରୀ ଓ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ସଦସ୍ୟାଙ୍କ ସମେତ ବାର୍ଷିକ ସାଧାରଣ ସଭାରେ ସମସ୍ତ ଚାଷୀ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ।

## ଅଞ୍ଚଳ ମହାବିଦ୍ୟାଳୟ ସ୍ନାତକୋତ୍ତର ଇଂରାଜୀ ବିଭାଗର ବାର୍ଷିକ ଉତ୍ସବ




ପଦ୍ମପୁର, ୭।୩(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ସ୍ନାତକୋତ୍ତର ଇଂରାଜୀ ବିଭାଗର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାହିତ୍ୟ ଓ ଭାଷାତତ୍ତ୍ୱର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥିଲା। ଅଧ୍ୟକ୍ଷ ଶ୍ରୀ ଦାଶ ନିଜର ସଭାପତିତ୍ୱ ଅଭିଭାଷଣ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଶ୍ରୀକାନ୍ତ ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରଫେସର କାଳିଦାସ ମିଶ୍ର ପାଠକୀୟ ରୁଚି ଓ ପୁସ୍ତକ ଅଧ୍ୟୟନର ଶୈଳୀ ସମ୍ପର୍କରେ ବୁଝାଇଥିଲେ। ଅଷ୍ଟାଦଶ ଶତାବ୍ଦୀର ବିଶିଷ୍ଟ ଲେଖକ ପୋପ୍, ଡକ୍ଟର ଜନସନଙ୍କ ଠାରୁ ଆରମ୍ଭ କରି କବି ଜନ୍ କିଟ୍‌ସଙ୍କ ପର୍ଯ୍ୟନ୍ତ ବିଭିନ୍ନ କାଳଜୟୀ ସ୍ରଷ୍ଟାଙ୍କ ବିଷୟରେ ଆଲୋଚନା କରିଥିଲେ। ବିଶେଷ କରି ଏଲିଅଟ ଓ ୱାର୍ଡସୱାର୍ଥଙ୍କ ମଧ୍ୟରେ ତୁଳନାତ୍ମକ ବିଶ୍ଳେଷଣ କରି ୱାର୍ଡସୱାର୍ଥଙ୍କ ସରଳ ଓ ସାଧାରଣ ମଣିଷର ଭାଷାକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାଷାତାତ୍ତ୍ୱିକ ପ୍ରଫେସର କୁଞ୍ଜବନ ପଟେଲ ଯୋଗଦେଇ ବିଭିନ୍ନ ଭାଷାର ଧ୍ୱନିତତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ତଥା ଅଧ୍ୟାପିକା ଅଳ୍ପନାରାୟ ଚୌଧୁରୀ 'କୃଷ୍ଣକାୟ ନାରୀବାଦ' ଉପରେ ଚମତ୍କାର ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଡ.ପ୍ରଦୀପ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ତୋଷାବନ୍ତ ବାରିକଙ୍କ ସହଯୋଗରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶେଷ ସାହିତ୍ୟିକ କୃତୀ ପାଇଁ ଯୁକ୍ତ ଦୁଇ ବିଭାଗରୁ ସାଙ୍କେତିକା ପାଣିଗ୍ରାହୀ ଓ ଯୁକ୍ତ ତିନି ବିଭାଗରୁ ଆଦିତ୍ୟ ବନଛୋରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ସ୍ମୃତି, ଅନିତା, ପ୍ରତିମା, କିରଣ୍ମୟୀ, ଝିଲି, ଆର୍ଯ୍ୟନ, ଚିନ୍ମୟ, ଅଭିନାଶ ଓ ରିତେଶଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶେଷରେ ଅଧ୍ୟାପକ ସମୀର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ହେଲୋ କିଡ୍ସର ବାର୍ଷିକୋତ୍ସବ

ବରଗଡ଼, ୭।୩(ସମିସ): ବିଜୁ ପଟ୍ଟନାୟକ ଟାଉନ ହଲରେ ହେଲୋ କିଡ୍ସର ୧୮ ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍କୁଲର ସର୍ବକନିଷ୍ଠ ଛାତ୍ର ଶୌର୍ଯ୍ୟ ଅଗ୍ରୱାଲଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବାର୍ଷିକ ରିପୋର୍ଟ ଅଡିଓ ଭିଜୁଆଲ୍ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ବର୍ଷସାରା କରିଥିବା କାର୍ଯ୍ୟକଳାପକୁ ଏଥିରେ ଦର୍ଶାଯାଇଥିଲା।




ନିର୍ଦ୍ଦେଶକ ମନୋଜ ଅଗ୍ରୱାଲ ହେଲୋକିଡ୍ସର ଶିକ୍ଷଣ ପ୍ରକ୍ରିୟା, ପିଲାମାନଙ୍କୁ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯିବା ବିଷୟରେ କହିଥିଲେ। ନିର୍ଦ୍ଦେଶକ ଦିଲୀପ ଅଗ୍ରୱାଲ ହେଲୋକିଡ୍ସରେ ପିଲାମାନଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ କରିବା ପାଇଁ ନିରନ୍ତର ନୂତନ ପ୍ରଯୁକ୍ତିବିଦ୍ୟା ବିଷୟରେ ସୂଚନା ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଜୟ ଜବାନ ଜୟ କିଶାନ ଥିମ୍ ଉପରେ ରହିଥିଲା। ଶେଷରେ ସମସ୍ତ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ହୋନୁ ଅଗ୍ରୱାଲଙ୍କୁ ଜୟଦେବ ଇନଷ୍ଟିଚ୍ୟୁଟର ଅଭିନନ୍ଦନ



ପଦ୍ମପୁର, ୭।୩(ସମିସ): ସଦ୍ୟ ପ୍ରକାଶିତ ଓସିଏ କ୍ରିକେଟ ଅମ୍ପାୟାର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଜ୍ୟସ୍ତରରେ ଶୀର୍ଷସ୍ଥାନ ଅଧିକାର କରିଥିବା ପଦ୍ମପୁର ଉପଖଣ୍ଡ କୁଚିପାଲି ଗାଁର ଯୁବ ପ୍ରତିଭା ହୋନୁ ଅଗ୍ରୱାଲଙ୍କୁ ପଦ୍ମପୁର ସ୍ଥିତ ଜୟଦେବ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି। ତାଙ୍କର ଏହି ସଫଳତା ପଦ୍ମପୁର ଉପଖଣ୍ଡ ସହିତ ସମଗ୍ର ଜିଲ୍ଲା ପାଇଁ ଗୌରବର ବିଷୟ ହୋଇଥିବା କୁହାଯାଇଛି। ହୋନୁ ପଦ୍ମପୁର ସ୍ଥିତ ଜୟଦେବ ଇନଷ୍ଟିଚ୍ୟୁଟର ଜଣେ ପ୍ରତିଭାଶାଳୀ ଛାତ୍ର ହେବା ସହିତ ଏକ ଶୃଙ୍ଖଳିତ ଓ ଆଦର୍ଶ ଛାତ୍ର ଭାବେ ପରିଚିତ ଥିଲେ। ଜୟଦେବ ଇନଷ୍ଟିଚ୍ୟୁଟ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଆଗାମୀ ଜୀବନର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା କାମନା କରାଯାଇଛି।

## ଜଳିଗଲା ମୂଲ୍ୟବାନ ବୃକ୍ଷଲତା

ବରଗଡ଼, ୭।୩(ସମିସ): ଘେଁସ ରେଞ୍ଜ ଅଧୀନ ମେଲଛାମୁଣ୍ଡା ସେକ୍ସନର କୁଣ୍ଡାଖାଇ ମଲମଣ୍ଡା ଚାରି ଛକ ମଧ୍ୟରେ ଥିବା ୧୧ ହେକ୍ଟର ପରିମିତ ପନିଆଁ ଡୁଙ୍ଗୁରିରେ ଲୋକ ମାନଙ୍କ ଦାୟିତ୍ୱହୀନତା ଏବଂ ବନ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କ ଅବହେଳା ଯୋଗୁଁ କୋଟି କୋଟି ଟଙ୍କାର ମୂଲ୍ୟବାନ ବୃକ୍ଷଲତା ଜଳିପୋଡି ପାଉଁଶ ହୋଇଯାଇଛି। ଆଞ୍ଚଳିକ ଭାଷାରେ



ଏହାକୁ ମାଙ୍କଡ଼ ବିବାହ ହେଉଛି ବୋଲି କୁହାଯାଏ। ଅପରାହ୍ଣ ୩ଟାରୁ ଡୁଙ୍ଗୁରିରେ ଗଛ ଜଳିବା ଦେଖା ଦେଇଥିଲା। ଅଞ୍ଚଳବାସୀଙ୍କ କହିବାନୁସାରେ ବନ କର୍ମଚାରୀ ତଥା ଘେଁସ ରେଞ୍ଜର ବିଜୟଲକ୍ଷ୍ମୀ ପଟେଲଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା ହୋଇଥିଲା। ହେଲେ ସେ ଫୋନ୍ ରିସିଭ୍ କରି ନ ଥିଲେ। ଶେଷରେ ଲୋକେ ବାଧ ହୋଇ ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡାଙ୍କୁ ଏ ବାବଦରେ ଅବଗତ କରିଥିଲେ। ସେ ତୁରନ୍ତ ଟିମ୍ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ।

## କୁଷ୍ଠାଶ୍ରମରେ ରାସନ ସାମଗ୍ରୀ ବଣ୍ଟନ



ଦହିତା, ୭।୩(ସମିସ): ସମାଜସେବା ଓ ମାନବିକତାର ଉଦ୍ଦେଶ୍ୟରେ ଚେତନା ପରିଷଦ ପଦ୍ମପୁର ପକ୍ଷରୁ ବାଦିମାଲ କୁଷ୍ଠାଶ୍ରମରେ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଆଶ୍ରମବାସୀମାନଙ୍କୁ ବିଭିନ୍ନ ପ୍ରକାର ରାସନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଚାଉଳ, ଡାଲି, ତେଲ ସହିତ ଦୈନିକ ଆବଶ୍ୟକତାର ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ତଥା ଖରାରୁ ରକ୍ଷା ପାଇବା ପାଇଁ ଛତା ଆଶ୍ରମବାସୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦର ସଭାପତି ହରିଶଙ୍କର ସିଂହ ଅଧ୍ୟକ୍ଷତା କରିଥିଲେ। ସେହିପରି ସଦସ୍ୟ ଭୂପେଶ ସାହୁ, ସମ୍ପାଦକ କିଶୋର ପାତ୍ର ଓ ମନୋଜ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ୟାଗ୍ ଲେସ୍ କାର୍ଯ୍ୟକ୍ରମ



ବରଗଡ଼, ୭।୩(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ଅଧ୍ୟକ୍ଷତାରେ ପିଏମ୍‌ଶ୍ରୀ ବ୍ୟାଗ୍ ଲେସ୍ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଏକ କଳା ଓ ହସ୍ତଶିଳ୍ପ କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସାଧନକର୍ମୀ ସ୍ନେହଲତା ମହାରଣା, ନମିତା ପଟ୍ଟନାୟକ, ବୃନ୍ଦାବନ ବିଶି ଛାତ୍ରୀମାନଙ୍କୁ ଚିତ୍ରାଙ୍କନ, କାଗଜ ଫୁଲ ତିଆରି, ଅଭିନବ ଶିଳ୍ପକାର୍ଯ୍ୟ ଓ ପୁନଃବ୍ୟବହାର ଯୋଗ୍ୟ ସାମଗ୍ରୀ ତଥା ବର୍ଜ୍ୟବସ୍ତୁରୁ ଜିନିଷ ତିଆରି କରିବା ଶିଖାଇଥିଲେ। କର୍ମଶାଳାରେ ଛାତ୍ରୀମାନେ ସୃଜଶୀଳତାର ବିକାଶ ସହ ବର୍ଜ୍ୟବସ୍ତୁକୁ କିପରି ବ୍ୟବହାର ଯୋଗ୍ୟ କରାଯାଇପାରିବେ ତାହା ଶିକ୍ଷାଲାଭ କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ

# ନାରୀ ସଶକ୍ତୀକରଣର ଏକ ଉଜ୍ଜ୍ୱଳ ପ୍ରତୀକ ଦୀପା

ବରଗଡ଼, ୭।୩(ସମିସ)




ଡିଜିଟାଲ ଯୁଗରେ ସୋସିଆଲ ମିଡିଆକୁ ଲୋକସେବାର ଶକ୍ତିଶାଳୀ ମାଧ୍ୟମରେ ପରିଣତ କରି ନାରୀ ସଶକ୍ତୀକରଣର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଅଧୀନ ଟେମରି ଗାଁର କନ୍ୟା ଦୀପା ବାରିକ। 'ଟ୍ୱିଟର ଗାର୍ଲ' ଭାବେ ପରିଚିତା ଦୀପା ଆଜି ଓଡ଼ିଶାର ଅସଂଖ୍ୟ ଗରିବ ଓ ଅସହାୟ ଲୋକଙ୍କ ପାଇଁ ଆଶା ଓ ସହାୟତାର ପ୍ରତୀକ ହୋଇଛନ୍ତି। ସାଧାରଣ କୃଷକ ପରିବାରରେ ଜନ୍ମ ନେଇଥିବା ଦୀପାଙ୍କ ପିତା ଅମୃତ ବାରିକ ଜଣେ କୃଷକ ଓ ମାତା ସୁଷମା ବାରିକ ଜଣେ ଅଙ୍ଗନବାଡି କର୍ମୀ। ଗ୍ରାମ୍ୟ ଅଞ୍ଚଳର ଲୋକମାନଙ୍କ ଦୁଃଖଦୁର୍ଦ୍ଦଶାକୁ ନିକଟରୁ ଦେଖିବା ପରେ ଛୋଟବେଳୁ ତାଙ୍କ ମନରେ ସମାଜସେବା ପ୍ରତି ଆଗ୍ରହ ଜାଗୃତ ହୋଇଥିଲା। ୨୦୧୯ ମସିହାରେ ଜନ୍ମଦିନ ଅବସରରେ ପିତାମାତା ଦେଇଥିବା ଏକ ସ୍ମାର୍ଟଫୋନ ତାଙ୍କ ଜୀବନର ଦିଗ ବଦଳାଇ ଦେଇଥିଲା। ପରେ ସ୍ଥାନୀୟ ସମାଜସେବୀ ଓ ଶିକ୍ଷକ ଦିବସ ସାହୁଙ୍କ ପ୍ରେରଣାରେ ସେ ଟ୍ୱିଟର ମାଧ୍ୟମରେ ଲୋକମାନଙ୍କ ସମସ୍ୟାକୁ ସରକାରୀ ସ୍ତରରେ ପହଞ୍ଚାଇବା ଆରମ୍ଭ କରିଥିଲେ। ପ୍ରଥମେ ନିଜ ଗାଁର ଜଣେ ବୃଦ୍ଧଙ୍କ ଭାଙ୍ଗିଯାଇଥିବା ଘର ସମସ୍ୟାକୁ ଟ୍ୱିଟରରେ ଉଠାଇ ଥିବାବେଳେ ସରକାରଙ୍କ ତରଫରୁ ପ୍ରାୟ ୯୮ ହଜାର ଟଙ୍କା ସହାୟତା ମିଳିଥିଲା। ଏହି ଘଟଣା ତାଙ୍କୁ ସମାଜସେବାର ପଥରେ ଆହୁରି ଦୃଢ଼ କରିଥିଲା। ତାହାପରେ ଦୀପା ବାରିକ ସୋସିଆଲ ମିଡିଆକୁ ଜନସମସ୍ୟାର ସମାଧାନର ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ କରିଥିଲେ। ବୃଦ୍ଧ ଓ ବିଧବା ପେନ୍ସନ, ଦିବ୍ୟାଙ୍ଗଙ୍କ ସରକାରୀ ସୁବିଧା, ଅସହାୟ ପରିବାରଙ୍କ ଆର୍ଥିକ ସହାୟତା, ଚିକିତ୍ସା ସହାୟତା, ରାସ୍ତା ଓ ବ୍ରିଜ୍ ନିର୍ମାଣ ଭଳି ଅନେକ ଜନସମସ୍ୟାକୁ ସରକାରୀ ଦୃଷ୍ଟିଆକର୍ଷଣ କରାଇ ସମାଧାନ କରାଇଛନ୍ତି। ସୂଚନା ଅନୁସାରେ ସେ ଏପର୍ଯ୍ୟନ୍ତ ଟ୍ୱିଟର ମାଧ୍ୟମରେ ୧୦ ହଜାରରୁ ଅଧିକ ଲୋକଙ୍କ ସମସ୍ୟାର ସମାଧାନ କରିଛନ୍ତି। ପ୍ରବାସୀ ଶ୍ରମିକମାନଙ୍କ ଦୁଃଖଦ ସ୍ଥିତିକୁ ସରକାରୀ ସ୍ତରରେ ପହଞ୍ଚାଇବା, ତେଲେଙ୍ଗାନା, ଅନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଉତ୍ତର ପ୍ରଦେଶ ଆଦିରାଜ୍ୟ ମାନଙ୍କର ଇଟାଭାଟିରେ ଅଟକିଥିବା ଓଡ଼ିଶାର ଶ୍ରମିକମାନଙ୍କୁ ଉଦ୍ଧାର କରାଇବା ଓ ଅନେକ ଅସହାୟ ପରିବାରଙ୍କୁ ସରକାରୀ ଯୋଜନାର ସୁବିଧା ମିଳିବାରେ ସହଯୋଗ କରିଛନ୍ତି। ସମାଜ ପ୍ରତି ତାଙ୍କର ନିଷ୍ଠା, ସାହସ ଓ ସମର୍ପଣ ଆଜି ଅନେକ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହୋଇଛି। ସାଧାରଣ ଗ୍ରାମ୍ୟ ପରିବେଶରୁ ଆସି ସୋସିଆଲ ମିଡିଆକୁ ଲୋକସେବାର ଅସ୍ତ୍ରରେ ପରିଣତ କରିଥିବା ଦୀପା ନିଶ୍ଚୟ ଭାବେ ଆଜିର ସମାଜରେ ନାରୀ ସଶକ୍ତିକରଣର ଏକ ଉଜ୍ଜ୍ୱଳ ପ୍ରତୀକ। ଦୀପାଙ୍କୁ ତାଙ୍କ ଏହି ମହତ୍ କାର୍ଯ୍ୟ ପାଇ ପୂର୍ବରୁ ନନ୍ଦିଘୋଷ ଟିଭି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ମହିଳା ଦିବସ ଅବସରରେ ତାଙ୍କର ଏହି ଅସାଧାରଣ ସମାଜସେବାକୁ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଉଛି।

## ମାଁ ବୀଣାପାଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଜିତପାଲି ଚାମ୍ପିଅନ

ଘେଁସ, ୭।୩(ସମିସ): ସୋହେଲା ବ୍ଲକ ଜିତପାଲି ଠାରେ ଚାଲିଥିବା ମାଁ ବୀଣାପାଣି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜିତପାଲି ଦଳ ଚାମ୍ପିଅନ ହୋଇଥିବା ବେଳେ ପଧାନପାଲି ଦଳ ରନର୍ସଅପ ହୋଇଛି। ତିନିଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଶନିବାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ



ଉଭୟ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦରାଶି ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଝର (ଏମ୍), ପଧାନପାଲି, ଅର୍ଜୁଣ୍ଡା, ଟୁଙ୍ଗିବନ୍ଧଲି (ଜିଜିସିଟି), ଝଗଡ଼ଝାଲ, ଗ୍ରୀଞ୍ଜୋଲ, ବନାବିରା, ବାଟତେର୍ମା, ଝର (ଏ), ଘୁମୁନିପାଲି, ଜିତପାଲି, ଖଇରପାଲି, ବାଲିପଟା, ଡୁମେରପାଲି, ବାନ୍ଧୁପାଲି, ଡୁମ୍ବେରପାଲି (ବିପି) ଏପରି ମୋଟ ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଅମ୍ପାୟାର ବାସୁଦେବ ପଟେଲ, ସୁରେଶ ମେହେର, ଶୋଷେନ୍ଦ୍ର ସାହୁ ମ୍ୟାଚ୍‌ଗୁଡିକ ଖେଳାଇ ଥିବା ବେଳେ ରମେଇ ସାହୁ ସ୍କୋର ଦାୟିତ୍ୱ ତୁଲାଇଥିଲେ। ସମ୍ପଦ ବାଙ୍କ, ଅଶୋକ ବାଗ, ସୁନୀଲ ମେହେର, ସୁବୋଧ ମେହେର, ଆକାଶ ସାହୁ, ଆଲୋକ ମହାପାତ୍ର, ପିଣ୍ଟୁ ମେହେର, ଜିତେନ୍ଦ୍ର ମହାକୁର, ଗଣେଶ ମେହେର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

